Split by PDF Splitter



## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

To The Editor of the Utkal Dipica"

Cuttack.

While touching upon the resolution passed in the meeting of the Bengali Kayasthas in the Cuttack Printing Company's Hall, the Editor of the Star of Utkal has grown eloquent and has disparaged the Kayastha Community of Orissa. We cannot trace the cause of such *restless* attitude.

Moreover he has been bold enough to bring a charge against the Domiciled Bengali Community at large by asserting that "Some time ago for want of Communication with Bengal one Section of the Domiciled Bengalis of Cuttack were compelled to marry their cousins in defiance of the Sastras". We cannot make out whether by Domiciled Bengalis of Cuttack, he means Bengali Kayasthas or Bengalis of other castes.

Be that as it may, the editor should have substantiated the charge and ought to have informed the Public of the actual occurrence.

For the sake of truth we ask him either to cite the case referred to in his statement or to withdraw his remarks casting this unwarranted slur upon the Community.

"The restless spirit of innovation" does not permeate this section of the Domiciled Bengalis so much as it permeates the Section to which the Editor belongs.

Though the *tilak* does not make a Vaishnaba and the thread does not make people regenerated, yet such symbols have their use in reminding the wearers of the duties and responsibilities of their positions in society.

Gratuitous advice for regenerating character is of no avail. In this connection example teaches better than precepts.

Cuttack, 2-4-05 } Yours truly TRUTH.

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକାର ସମ୍ପାଦକ ମହୋଦୟ ସମୀପେଷୁ—

ମହାଶୟ !

ଗତ ୧୯୦୪ ମସିହା ଡିସେମ୍ବର ମାସ ତା ୫ ରିଖରେ "ନୃପେନ୍ଦ୍ରପ୍ରାଇଜ" ଅର୍ଥାତ ଭୂତପୂର୍ବ କଟକ ସଜାଙ୍କ ସ୍ମାରକ ବୃତ୍ତି ସମନ୍ଧେ ଓଡ଼ିଶା ସମସ୍ତ ଟୋଲ ଛାତ୍ରମାନଙ୍କର ମାତୃଭାଷାରେ ପ୍ରବନ୍ଧ ପରୀକ୍ଷା ହୋଇଥିଲା । ସୁଖର ବିଷୟ ଏହି ଯେ ଉକ୍ତ ପରୀକ୍ଷାରେ କଟକ ଜିଲ୍ଲା ପଦ୍ମାକର ଟୋଲର ଛାତ୍ର ମୋର ସହାଧ୍ୟାୟୀ ଶ୍ରୀ ଦାମୋଦର ମିଶ୍ରଙ୍କର ପ୍ରବନ୍ଧ ସର୍ବୋତ୍କୃଷ୍ଟ ହେବାରୁ ଉକ୍ତ ବୃତ୍ତି ମାସିକ ଟ ୪୦ ୧ ଙ୍କା ସେ ପାଉଅଛନ୍ତି । ଇତି ।

ତା ୧।୪।୦୫ } ଆପଣଙ୍କର
ପଦ୍ମାକରଟୋଲ } ଶ୍ରୀ ଦାମୋଦର ରଥ
। ଡା । କଟକ } କାବ୍ୟତୀର୍ଥ

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହୋଦୟ ସମୀପେଷୁ—

ମହାଶୟ !

ନିମ୍ନଲିଖିତ କତିପୟ ପଂକ୍ତିକୁ ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନଦାନ କରି ଚିରବାଧିତ କରାଇବା ହେବେ ।

ଅଳ୍ପ ଦିନତଳେ ପୁରୀଗ୍ରାମରେ ଜନୈକ ବ୍ରାହ୍ମଣ ର ୭୦ ବର୍ଷ ବୟସ୍କ ବୃଦ୍ଧ, ତାହାଙ୍କର ଗୋଟିଏ ଚତୁର୍ଦ୍ଦଶ ବର୍ଷୀୟା ଯୁବତୀ କନ୍ୟାକୁ କୌଣସି ସ୍ଥାନରେ ଅଗାମୀ ଜ୍ୟେଷ୍ଠ ମାସରେ ବିବାହ ପ୍ରଦାନ କରିବା ସ୍ଥିର କରି ବର୍ତ୍ତୀଙ୍କ ସହିତ ଶ୍ରୀମହାପ୍ରସାଦ ନିର୍ବନ୍ଧପତ୍ର ସ୍ଥିର କରିଥିଲେ କିନ୍ତୁ ଅନନ୍ତ ଦେବେନ୍ଦ୍ର ସାତ ଦେଶ ଉକ୍ତ କନ୍ୟାକର୍ତ୍ତା ସେହି ବୃଦ୍ଧ ବ୍ୟକ୍ତିଙ୍କ ମୁଖରୁ ଶୁଣିବାରୁ "ତେଷୁ' ଅର୍ଥାତ୍ ପଞ୍ଚଦଶ ବର୍ଷ ନ ହେଲେ ବିବାହ କରି ପାରିବେ ନାହିଁ ଓ ସେହି କନ୍ୟା ରଜସ୍ବଲା କନ୍ୟା ପକ୍ଷେ କିପରି ହେବ" ଏହି ମତ ଏ ସ୍ଥାନୀୟ ଶାସ୍ତ୍ରଜ୍ଞ ପଣ୍ଡିତମାନେ ପ୍ରକାଶ କରିବାରୁ କନ୍ୟାକର୍ତ୍ତା ଅଗତ୍ୟା ଉକ୍ତ ସ୍ଥାନରେ ବିବାହ କରିବାକୁ ଅସମ୍ମତ ହୋଇ ଅନ୍ୟ ସ୍ଥାନ ଅନ୍ୱେଷଣ କରୁଅଛନ୍ତି । ଅତଏବ ଓଡ଼ିଶାର ଶାସ୍ତ୍ରଜ୍ଞ ଓ ଜ୍ୟୋତିର୍ବିଦ୍ୟ ପଣ୍ଡିତମଣ୍ଡଳୀଙ୍କୁ ବିନୀତ ପ୍ରାର୍ଥନା ଯେ, ସେମାନେ ଉପରୋକ୍ତ ବିଷୟ ମୀମାଂସା ପୂର୍ବକ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ପ୍ରଦାନ କରିବା ଦ୍ୱାରା ସନ୍ଦେହଭଞ୍ଜନ କରି ଚିରସ୍ମରଣୀୟ ହେବେ ।

୧—କି ପକ୍ଷରେ ବିବାହ ଦିଆ ଯାଇପାରେ କି ନା ?

୨—ଯଦି ନ ହୁଏ ତେବେ ଉକ୍ତ ମହାପ୍ରସାଦ ନିର୍ବନ୍ଧ ଭଙ୍ଗ ହେଲେ ଦୋଷ ନ ହୋଇ ଅନ୍ୟତ୍ର ବିବାହ କରି ପାରିବେ କି ନା ?

୫—ଉପରୋକ୍ତ କାରଣମାନଙ୍କ ହେତୁ ପ୍ରତ୍ୟକ୍ଷ ହେଲେ ରଜସ୍ୱଲା ଓ ବାଗ୍‌ଦତ୍ତା କନ୍ୟା ପକ୍ଷେ ତାହା ଖଟିବ କି ନା ?

ତା ୩।୪।୦୫ } ଆପଣଙ୍କର
ବିଷ୍ଣୁପଡ଼ା } ବଶମ୍ବଦ
। ପୁ । ଶ୍ରୀକ୍ଷେତ୍ର } Radha Ch. Mahanty.

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଶ୍ରୀ ବଳରାମଙ୍କ ମହାପାତ୍ର ମୟୂରଭଞ୍ଜ | ୧ ୦ ୩ |
| " ସାଧୁଚରଣ ଦାସ କଟକ ପିତ୍ରକାଇ | ୪ ୧୩ |
| " ଅନନ୍ତନାଥ ଦେବ ସୁନାସର | ୫ ॥ |
| ମହିଳା ଅବଳୁଲ ସମଦ ସ୍କୁ ଡେ ବାଲେଶ୍ୱର | ୫ ୧୩ |
| ବାବୁ ଶ୍ରୀ ଅଚ୍ୟୁତ ମହାପାତ୍ର ଅଦ୍ଭୁତସୁନ୍ଦର | ୨ ॥ |
| " ବ୍ରଜସୁନ୍ଦର ପାଟଯୋଷି ଭୁବନେଶ୍ୱର ଗଞ୍ଜାମ | ୧ ॥ |
| " ଶ୍ୟାମସୁନ୍ଦର ସୁବୁଦ୍ଧି କଟକ | ୧ ॥ |
| " ମଣ୍ଡଳାଇ ସ୍ୱପ୍ନ କଟକ | ୧ ॥ |
| " କୈଳାସଚନ୍ଦ୍ର ଦାସ ଅନୁଗୁଳ | ୧ ୧୪ |
| " ହରପ୍ରସାଦ ବୋଷ ଡେପୁଟି ବଡ଼ୁଗ୍ରାମ | ୧ ୧ |
| ଗଣେଶ୍ୱର ପଣ୍ଡା ଗୋସାଇଁ କଟକ | ୧ ॥ |
| ବାବୁ ଶ୍ରୀ ଲୋକନାଥ ପଣ୍ଡା ବଲଦା | ୧ ୧ |
| " ହରେକୃଷ୍ଣ ପଣ୍ଡା ଧନବାନ ସାହେବ | ୫ ॥ |
| " ମଧୁସୂଦନ ଦତ୍ତ ହେଡମାଷ୍ଟର ଟ୍ରେନିଂସ୍କୁଲ କଟକ | ୨ ॥ |
| " ରଘୁନାଥ ଘୋଷ ବୋଷଣ ଅଳଗୁମ | ୫ ॥ |

---

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଯାଉଅଛି ଯେ ଗତ ୧୯୦୪ ମସିହା ନଭେମ୍ବର ୧୮ ଦିନ ... ସାର୍ଟିଫିକେଟ ନଂ ୧୬୦ ଓ ମାର୍ଚ୍ଚ ମାସ ତା ୨୪ ଦିନ ... ସାର୍ଟିଫିକେଟ ନଂ ୧୪୦ ଓ ଅକ୍ଟୋବର ତା ୧ ... ସାର୍ଟିଫିକେଟ ନଂ ୧୪୩ ଖଣ୍ଡ ଷ୍ଟାମ୍ପପତ୍ରରେ ଥିବା ସମ୍ପତ୍ତିରେ ଯେ ସମସ୍ତ ଅପର ଲୋକ ଭାଗୀ ହୋଇଥିବେ ତାହା ସମସ୍ତେ ଏହି ବିଜ୍ଞାପନ ପ୍ରକାଶ ହେବାର ... ଗୋସାଇଁ ନାମରେ ... ଉପରୋକ୍ତ ... ଜାଣିବେ ... ଅନ୍ୟଥା ... ନ କଲେ ... ଉପାୟ ଅବଲମ୍ବନ କରିବୁ ।

ମଠ ଭାଲୁବଜାର } ଶ୍ରୀ ରଘୁନାଥ ଗଣେଶ୍ୱର ଭାରତୀ
ଓ ଭାଲି କଟକ } ଗୋସାଇଁ
ତା ୪ ଏପ୍ରିଲ
ସନ ୧୯୦୫ ମସିହା }

---

**IT'S SO EASY TO NEGLECT THAT COLD !**

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mud form of Plague, Surgeon, Major Jaykar says: That it is a safe and reliable remedy.

Batliwalla & Co's Cholera specific for cholera and Batliwalla's Ague Mixture or Pills, may be had of DR. H. L. BATLIWALLA'S. Worli—Dadar Bombay and everywhere.

At As. 1 per bottle Discount to the Trade.

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ଯାଦୁର ଅବ୍ୟର୍ଥ ମହୌଷଧ

ଏପରି ସଦ୍ୟ ଫଳପ୍ରଦ ମହୋପକାରୀ ଔଷଧ ଆଉ ନାହିଁ ।

ଯେଉଁମାନେ ନାନାପ୍ରକାର ଯାଦୁରୋଗର ଅସହ୍ୟ ଯନ୍ତ୍ରଣା ଭୋଗୁଅଛନ୍ତି, ଯେଉଁମାନେ ଅନେକ ପ୍ରକାର ଉପାୟ କରି ବୃଥା ହତାଶ ବା ବିଫଳମନୋରଥ ହୋଇଅଛନ୍ତି, ଚିନ୍ତା ଯନ୍ତ୍ରଣାରେ ନିର୍ବୋଧରୂପେ, ଖାଦ୍ୟରୂପେ ଏ ରୋଗ ହାତରୁ ରକ୍ଷା ପାଇବାର ନିରାଶ କରିଅଛନ୍ତି ସେମାନେ ଏହି ଦୀର୍ଘକାଳର ସୁପରୀକ୍ଷିତ ସହସ୍ର ଲୋକଙ୍କ ପ୍ରଶଂସିତ ମହୌଷଧ ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ । ମନୁଷ୍ୟ ଦେହର ଯାଦୁ ବ୍ୟତୀତ ପଶୁ ଦେହରେ ମାହଣକା ଯାଦୁ ପର୍ଯ୍ୟନ୍ତ ଭଲ ହୋଇ ପାରିଅଛି । ଏହାର ଏପରି ଗୁଣସବୁ ଦେଖି ପ୍ରକୃତରେ ବହୁସଂଖ୍ୟ ଅନ୍ତର୍ଧାନ(?) । ଏ ଔଷଧରେ ଏପର୍ଯ୍ୟନ୍ତ ବହୁ ସହସ୍ର ଲୋକ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ଲାଭ କରିଅଛନ୍ତି ।

ମୂଲ୍ୟ ୧ ଡବା ଟ ୦।୵, ୩ ଟ ୧, ୬ ଟ ୧୷, ୧୨ ଟ ୩

## କାଟୁର ମହୌଷଧ ।

ସବୁପ୍ରକାର କାଟୁ ଘା ଖାଲସ, ବ୍ରଣଅଣ, ନାନାପ୍ରକାର ଚର୍ମରୋଗ ଦେଖ, ଘା ଉପରେ ଏ ଔଷଧର ଅସୀମ କ୍ଷମତା ଅଛି । ଏ ସବୁ ରୋଗରେ ଏହି ଔଷଧ ଲଗାଇଦେଲେ କୌଣସିପ୍ରକାର ଯନ୍ତ୍ରଣା ନ ହୋଇ ଅତି ଅଳ୍ପକାଳ ମଧ୍ୟରେ ରୋଗ ନିଶ୍ଚିନ୍ତ ଦୂର ହୋଇଯାଏ । ଅନେକେ ଏହାର ଏମନ୍ତ ଚମତ୍କାର ଶକ୍ତି ଦେଖି ବିସ୍ମିତ ହୋଇ ଧନ୍ୟ ଧନ୍ୟ କରୁଅଛନ୍ତି । ଅଳ୍ପକାଳ ମଧ୍ୟରେ ଏହା ସାମାନ୍ୟ ପର୍ଣ୍ଣକୁଟୀରଠାରୁ ରାଜାଧିରାଜଙ୍କଠାରେ ସମାନ ଆଦର ପାଇଅଛି । ପରୀକ୍ଷା ଏକାନ୍ତ ବାଞ୍ଛନୀୟ ଏହି ମାତ୍ର କହୁପାରୁଁ ।

ମୂଲ୍ୟ ୧ ଡବା ଟ ୦୵, ୩ ଟ ୧୵, ୬ ଟ ୨୷, ୧୨ ଟ ୩।

ପ୍ରାର୍ଥିମାନେ ନିଜନିଜର ନାମ, ଧାମ, ଡାକଘର, ଜିଲା ଏବଂ କାହାର କେଉଁ ଔଷଧକୁ ଦରକାର ଅବଶ୍ୟ ସ୍ପଷ୍ଟରୂପେ ଏ ସବୁ କଥା ଲେଖିବେ ।

ଏକମାତ୍ର ପ୍ରାପ୍ତିସ୍ଥାନ ।
ଶ୍ରୀ ରାମଚାରଣ ସେନ
ଲେ ଉତ୍କଳପ୍ରେସ, ବା ମାଣିକଖମ୍ବ ଷ୍ଟ୍ରିଟ୍; ବାଲେଶ୍ୱର ।

---

କଟକ ସହର ବାଲୁବଜାରସ୍ଥିତ ନିହଙ୍ଗୀ ସନ୍ନ୍ୟାସୀ ମଠରେ ବିଜେକରି ରହିଥିବା ଶ୍ରୀ ଗଣେଶ ଜିଉ ଓ ଶ୍ରୀ ବଳଦେବ ଜିଉ ଓଗେର ଠାକୁରଙ୍କ ପୂଜା ସେବା ଏବଂ ୮ତପୋନିଧି ଜଗନ୍ନାଥ ଭାରତୀ ଗୋସାଇଁ ଉକ୍ତ ମଠସ୍ଥିତ ଦେବତାପ୍ରତିଷ୍ଠିତମାନଙ୍କର ଦେବୋତ୍ତରସମ୍ପତ୍ତିମାନଙ୍କରେ ସେବାଏତ ସ୍ୱତ୍ୱେ ଦଖଲକାର ଥାଇଁ ଉକ୍ତ ସମ୍ପତ୍ତିମାନଙ୍କରୁ ଦେବସେବା ଓ ଅତିଥି ଅଭ୍ୟାଗତ ସେବାମାନ ଚଳାଇ ଆସୁଥିଲେ । ଉପରୋକ୍ତ ମଠ ବ୍ୟତୀତ ।ପ୍ର। ଝୁଙ୍କଡ଼ା ।ଷ୍ଟା। ଛତ୍ରପୁର ନିହଙ୍ଗୀ ସନ୍ନ୍ୟାସୀ ମଠରେ ବିଜେକରି ରହିଥିବା ଶ୍ରୀ ବଳଦେବ ଜିଉ ଓଗେରଙ୍କର ଦେବୋତ୍ତର ସମ୍ପତ୍ତି ଓ ପୁରୀ ମୁକାମରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଅମୃତମନୋହି ସମ୍ପତ୍ତିରେ ଓ ଶ୍ରୀ ଶ୍ରୀ କପିଳଦୁର୍ଗା ଠାକୁରାଣୀଙ୍କର ସମ୍ପତ୍ତିମାନଙ୍କରେ ମଧ୍ୟ ସେ ସେବାଏତ ଓ ମାଲଫତଦାର ସ୍ୱରୂପ ଦଖଲକାର ଥାଇଁ ଉକ୍ତ ଦେବସେବାମାନ ଚଳାଇ ଆସୁଥିଲେ, ଆମ୍ଭର ଅଜ୍ଞାତରୁ ଉପରୋକ୍ତ ତପୋନିଧି ଜଗନ୍ନାଥ ଭାରତୀ ଗୋସାଇଁ ବୈକୁଣ୍ଠଗାମୀ ହେବା ଉତ୍ତାରୁ ତାଙ୍କର ଚେଲା ଅର୍ଥାତ୍ ଆମ୍ଭର ଗୁରୁ ଶ୍ରୀ ତପୋନିଧି ଗଣେଶର ଭାରତୀ ଗୋସାଇଁ ଉକ୍ତ ନିହଙ୍ଗୀ ସନ୍ନ୍ୟାସୀ ମଠମାନଙ୍କରେ ମାଲିକ ହୋଇ ଉକ୍ତ ମଠ ସମ୍ବନ୍ଧୀୟ ଦେବୋତ୍ତର ସମ୍ପତ୍ତିମାନ ଓ ଅମୃତମନୋହି ସମ୍ପତ୍ତିମାନଙ୍କରେ ସେବାଏତ ଓ ମାଲଫତଦାର ସ୍ୱରୂପ ଦଖଲକାର ହୋଇ ଦେବସେବା ଓ ଅତିଥି ସେବା ଓଗେର ଚଳାଇ ଆସୁଥିଲେ । ମାତ୍ର ଦୁର୍ଭାଗ୍ୟବଶତଃ ଆମ୍ଭର ଗୁରୁମହାରାଜ ଉକ୍ତ ତପୋନିଧି ଗଣେଶର ଭାରତୀ ଗୋସାଇଁ କୁସଂସର୍ଗରେ ପଡ଼ି କୁଚରିତ୍ର ଓ ମକଦ୍ଦମା କରି ଉପରୋକ୍ତ ମଠମାନଙ୍କର ଚଳନ୍ତି ଓ ଅଚଳନ୍ତି ସମ୍ପତ୍ତିମାନ ନଷ୍ଟ କରିବା ଓ ତାଙ୍କ ବିପଥଗାମୀ କରୁଥିବା ଚରିତ୍ରହୀନ ନିକୃଷ୍ଟ ଲୋକମାନଙ୍କର କୁଅଭିପ୍ରାୟ ଚରିତାର୍ଥ କରିବା ନିମନ୍ତେ ପୁରୀ ସହର ଅନ୍ତର୍ଗତ ଲୁମ୍ବାଇପଡ଼ା ମୁକାମରେ ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ବୃଥା ବ୍ୟୟ କରି ହୋଟମାନ କରୁଥିବା ଏବଂ ତହିଁରୁ ଋଣ କରୁଥିବାରୁ ଆମ୍ଭର ସହିତ ଆମ୍ଭର ଗୁରୁଙ୍କର ମତ ମାଳିନ୍ୟ ଉପସ୍ଥିତ ହୋଇ ଆମ୍ଭେ ଉକ୍ତ ଘରଦ୍ୱାର ଅଳ୍ପ ଦିନ ହେଲା ପୃଥକ୍ ବାସ କରୁଅଛୁ । ବର୍ତ୍ତମାନ ଆମ୍ଭର ଗୁରୁମହାରାଜଙ୍କ ପୂର୍ବ ବୃତ୍ତି ଦ୍ୱାର ଫଳସ୍ୱରୂପ ତାଙ୍କର ମଧୁମେହ ଓ ମତିଭ୍ରମ ଆଦି ନାନାଦି ଉତ୍କଟରୋଗର ଆବିର୍ଭାବ ହେବାରୁ ଓ ତାଙ୍କଠାରୁ ଆମ୍ଭର ଅନୁପସ୍ଥିତିର ସୁଯୋଗପାଇ କେତେକ ଅନ୍ୟାୟୀ ଲୋଭୀ ଲୋକ ଆମ୍ଭ ଗୁରୁ ମହାରାଜଙ୍କୁ ଅଧିକରେ ଋଣ ଆଦି କରି ଉପର ଉକ୍ତ ମଠମାନଙ୍କର ଦେବୋତ୍ତର ସମ୍ପତ୍ତି ଓଗେର ନଷ୍ଟ କରିବା ପକ୍ଷେ ଉତ୍ତେଜନା ଦେଉଥିବାର ଆମ୍ଭେ ବିଶ୍ୱସ୍ତ ସୂତ୍ରେ ଅବଗତ ହୋଇଅଛୁଁ ଅତଏବ ଏହି ବିଜ୍ଞାପନଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁଁ ଯେ ଉପରୋକ୍ତ ସମ୍ପତ୍ତିମାନଙ୍କରେ ଆମ୍ଭର ଗୁରୁ ତପୋନିଧି ଗଣେଶର ଭାରତୀଙ୍କର କୌଣସି ନିଜ ସତ୍ୱ ନାହିଁ । ଏବଂ ତାଙ୍କର କୌଣସି କାର୍ଯ୍ୟଦ୍ୱାରା ନିହଙ୍ଗୀ ସନ୍ନ୍ୟାସୀ ମଠର ଉପରୋକ୍ତ ସମ୍ପତ୍ତିମାନ ଦାୟୀ ହେବ ନାହିଁ କି ଆମ୍ଭେ ଭବିଷ୍ୟତରେ ବାଧ୍ୟ ହେବୁ ନାହିଁ । ଏ ବିଷୟ ଉତ୍ତମରୂପେ ଜାଣି ଶୁଣି ଜନସାଧାରଣ ଆମ୍ଭର ଗୁରୁଙ୍କ ସହିତ କାରବାର କରୁଥିବେ ।

ତା ୧୬।୩।୦୫ } ଶ୍ରୀତପୋନିଧି ହରକୃଷ୍ଣ ଭାରତୀ ଗୋସାଇଁ । ସା । ମଠ ବାଲୁବଜାର ସହର କଟକ ।

---

# ନୂତନ ବିଜ୍ଞାପନ ।

## ଅମରକାନ୍ତି ରସାୟନ ।

ଦୂଷିତ ରକ୍ତ ସଂଶୋଧକ, ଉପଦଂଶ ଓ

ପାରଦ ଦୋଷନାଶକ ।

ଆର୍ଯ୍ୟ ମହର୍ଷିମାନଙ୍କର ଗବେଷଣାଲବ୍ଧ ପରମ ଉପାଦେୟ ଶାଳଶା । ବହୁବିଧ ପବିତ୍ର ଆୟୁର୍ବେଦୀୟ ଉପକରଣରେ ଏହି ଅମୃତ ପ୍ରସ୍ତୁତ ହୋଇଅଛି । ଏହି ସ୍ୱର୍ଗୀୟ ସୁଧା ପାନ କଲେ ଦୂଷିତରକ୍ତ ପରିଷ୍କୃତ ହୋଇ ସମସ୍ତ ଶରୀରରେ ପବିତ୍ର ରକ୍ତନଦୀ ପ୍ରବାହିତ ହେବ । ଏହା ଅସ୍ଥି, ମଜ୍ଜା, ମାଂସ ଶୁକ୍ର ପ୍ରଭୃତି ସମସ୍ତ ଧାତୁର ପୁଷ୍ଟିସାଧନ କରି ଅଙ୍ଗରେ ଅମର କାନ୍ତି ପ୍ରଦାନ କରିବ । ଉପଦଂଶ ଦୋଷ ବା ପାରଦ ଦୂଷଣ ହେତୁ ଯଦ୍ୟପି ଶରୀରର ରକ୍ତ ଦୂଷିତ ହୋଇଥାଏ ଏବଂ ତଜ୍ଜନିତ ଶରୀରରେ ଘଉ, ଚର୍ମ୍ମ ଦାଗ, ଗଣ୍ଠିବାତ, ଅଗ୍ନିମାନ୍ଦ୍ୟ, ସ୍ୱକୃତଦୋଷ ପ୍ରଭୃତି ଅନ୍ୟାନ୍ୟ ବହୁବିଧ କଷ୍ଟପ୍ରଦ ରୋଗ ଉପସ୍ଥିତ ହୋଇଥାଏ, ତାହାହେଲେ ଏହି ରସାୟନ ସେବନରେ ଅଳ୍ପ ସମୟରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ।

ଏହାର ନିୟମିତ ସେବନରେ ଦୁଃସାଧ୍ୟବାତ, ଅମ୍ଳବାତ, ଖାଉକୁଷ୍ଠ, ଧବଳକୁଷ୍ଠ ଏପରି କି ଗଳିତକୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହେବ । ସର୍ବଜନବିଦିତ ଏହି "ରସାୟନ" ର ମୂଲ୍ୟ ଅତି ସୁଲଭ ପ୍ରତି ଶିଶି ଟ ୧୷, ୩ ଶିଶି ଟ ୩୷ ।

## ସୁଧାସିନ୍ଧୁ ! ସୁଧାସିନ୍ଧୁ !

ମେହ, ପ୍ରମେହ, ଧାତୁଦୌର୍ବଲ୍ୟର ଏକମାତ୍ର ଔଷଧ ଅନେକେ ମନେ କରନ୍ତି ମେହରୋଗର ପ୍ରକୃତ ଔଷଧ ନାହିଁ ମାତ୍ର ସେମାନଙ୍କର ଏହି ଧାରଣା ସମ୍ପୂର୍ଣ୍ଣ ଅମୂଳକ । ସ୍ୱରୂପ ଧାତୁ ନିର୍ଗମ, ମୂତ୍ରନାଳୀରେ ଅସହ୍ୟ ଯନ୍ତ୍ରଣା ଦାହ ପ୍ରସ୍ରାବ, ଲୋହିତ ବା ଲୋହିତବର୍ଣ୍ଣ ପ୍ରସ୍ରାବ, ପ୍ରସ୍ରାବ ପୂର୍ବେ ବା ପରେ ସୂତ୍ରପରି ଧାତୁକ୍ଷରଣ ଏବଂ ତଜ୍ଜନିତ ମସ୍ତିଷ୍କ୍ୟ(?), ମୂତ୍ରକୃଚ୍ଛ୍ର, ସ୍ୱପ୍ନଦୋଷ ଦୁର୍ବଳତା ପ୍ରଭୃତିର ଏହି "ସୁଧାସିନ୍ଧୁ" ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ । ଏହି ଔଷଧ ଥରେମାତ୍ର ସେବନରେ ମନରେ ନୂତନ ଶକ୍ତି ସଞ୍ଚାର ଅନୁଭବ କରି ପାରିବ, ୨୪ ଘଣ୍ଟାରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ଦୂର ହେବ, କିନ୍ତୁ ସପ୍ତାହ ବ୍ୟବହାରରେ ସୁନିଶ୍ଚିତ ଆରୋଗ୍ୟ ପ୍ରାପ୍ତ ହେବ ।

ଏକ ଶିଶିର ମୂଲ୍ୟ ଟ ୨ ଦୁଇ ଶିଶିର ଦାମ ଟ ୩୧

## ଜ୍ୱରମାତଙ୍ଗ କେଶରୀ ।

ଏହା କୁଇନାଇନ ବର୍ଜିତ, ଆୟୁର୍ବେଦୋକ୍ତ ଉପାଦାନରେ ପ୍ରସ୍ତୁତ । ଏହା ଉପକରଣ ଅତି ମୂଲ୍ୟବାନ ଓ ପ୍ରସ୍ତୁତ ପ୍ରଣାଳୀ ସୁକଠିନ । ୩ଟି ବଟୀ ସେବନରେ ନିଶ୍ଚୟ ଜ୍ୱର ବନ୍ଦ ହେବ । ଏହା ସେବନରେ ପୁରାତନ ପ୍ଲୀହା ମଧ୍ୟ ନିଶ୍ଚୟ ଆରୋଗ୍ୟ ହେବ । ଏକଡିବାର ମୂଲ୍ୟ ଟ ୧ ମାତ୍ର ।

ଏତଦ୍ବ୍ୟତୀତ ଆମର ଏହି ଔଷଧାଳୟରେ ଆୟୁର୍ବେଦୋକ୍ତ ସକଳ ପ୍ରକାର ଘୃତ, ତୈଳ, ଚୂର୍ଣ୍ଣ, ଅରିଷ୍ଟ, ଆସବ ଓ ଶୋଧିତ ମକରଧ୍ୱଜ ପ୍ରଭୃତି ଧାତୁଦ୍ରବ୍ୟ ସର୍ବଦା ପ୍ରସ୍ତୁତ ଥାଏ । ଯେ କେହି ରୋଗ ବା ବାହାର ଅବସ୍ଥା ବିବରଣ ସହ ପତ୍ର ଲେଖିଲେ ଯେପରି ବ୍ୟବସ୍ଥାପତ୍ର … ସ୍ୱର ପ୍ରେରଣ ହୁଏ । ଅଥବା ଏହି ଆୟୁର୍ବେଦ … ଉଷ୍ଣରେ … ଅଧିକ … ଦେଲେ ବିଶେଷ ସୁବିଧା ହେବ ।

କବିରାଜ ଶ୍ରୀ ଉପେନ୍ଦ୍ରନାଥ ଦାସ ଗୁପ୍ତ କବିଭୂଷଣ
୭୦।୨ ଶୋଭାବଜାର ଷ୍ଟ୍ରୀଟ କଲିକତା ।

Digitized by srujanika@gmail.com

# ବିଜ୍ଞାପନ ।

ଶ୍ରୀ ଲାଲମୋହନ ସାହା ଶଙ୍ଖନିଧିର

ପୃଥିବୀ ବ୍ୟାପିତ

## ସର୍ବଜ୍ୱର ଗଜସିଂହ ।

୩ ଘଣ୍ଟା ମଧ୍ୟରେ ସର୍ବବିଧ ଜ୍ୱର ୧ ସପ୍ତାହ ରେ ପ୍ଳୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ ଟ ୧୮ ମଧ୍ୟମ ଟ ୧୯ ଛୋଟ ୫ ୦ ୬/

ଡାକମାସୁଲ ୧ଠାରୁ ୭ ଶିଶି ଟ ୦ ୬

## ଚକ୍ଷୁ ଦାବାନଳ ।

ଜାଲୁ ଅବ ସହଜେ ହାତ ଦୂରେ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୬ ଡାକମାସୁଲ ୧ଠାରୁ ୭ ଶିଶି ଟ ୦୬

## ଦର୍ଦ୍ଦ୍ରୁ ହୁତାଶନ ।

୨୪ ଘଣ୍ଟାରେ ଜାଦୁଅବ ଚମରୋଗ ହଜା ଭସ୍ମରେ ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୬ ଡାକମାସୁଲ ୧ଠାରୁ ୧୨ ଶିଶି ଟ ୦୬

ଏହା ନକଲ ହୋଇଅଛି ଔଷଧର ଲାଲ ମୋହନ ସାହା ଶଙ୍ଖନିଧିର ନାମ ଓ ଶଙ୍ଖମାର୍କା ଦେଖି ଔଷଧ କିଣିବେ । ଏହା ସକଳ ଜାଗାର ବଡ଼ ଦୋକାନରେ ପାଇବେ ନ ପାଇଲେ ପୃଥିବୀର ଯେ କୌଣସି ସ୍ଥାନରୁ ଯେ କେହି ଚିଠି ଲେଖିଲେ ଭି, ପି, ପାର୍ଶ୍ୱଲରେ ପଠାଉଁ । ଏହି ସମସ୍ତ ଔଷଧରେ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରାଇ ଦେଉଁ ।

ଠିକଣା ଶ୍ରୀ ଲାଲମୋହନ ସାହା ଶଙ୍ଖନିଧି

ଢାକା ବାବୁରବଜାର ।

ଏଠାରେ କଟକ ବାଲୁବଜାର, ଶ୍ରୀଯୁକ୍ତ ଶାନ୍ତାପ୍ରସାଦ ରଥ ଙ୍କ ଠାରେ ପ୍ରାପ୍ତ ହୋଇବ ।

Lal Mohan Saha Sankhanidhi

Baburbazar, Dacca,



## ଗୋଟିଏ ପ୍ରସ୍ତୋତ କାର୍ଯ୍ୟକଥା ।

ଘଣ୍ଟାଟରର ଅନେକ ପ୍ରକାର କିନ୍ତୁ ତାହା ସମସ୍ତେ ଭଲ ଅଛି, କିନ୍ତୁ ନାନାକାରଣ, ବିଶେଷତଃ ମୂଲ୍ୟାଧିକ ବଶତଃ ସମସ୍ତେ ଘଣ୍ଟା କ୍ରୟ କରିବାକୁ ସମର୍ଥ ହୁଅନ୍ତି ଏ ଅଭାବ ଦୂର କରିବାପାଇଁ, ଆମ୍ଭେମାନେ ସୁବିଖ୍ୟାତ "ବର୍ଣ୍ଣ ଗାଇନଟିଙ୍କ" କେନ୍ଦ୍ରପଦ୍ଧମାଣରେ ଆମଦାନି କରୁଅଛୁଁ, ଏହା ଉତ୍ତମ ସମୟ ଦେଖେ, ଏମ ଦେଲେ ୩୦ ଘଣ୍ଟା ଚଳେ ଅଥଚ ମୂଲ୍ୟ ଟ ୧୫ ( ଦୁଇ ମାସ । ଡାକମାସୁଲ ଟ ୦ ୩ ଅଣା ଅଧିକ । ଭି, ପି, ନାହିଁ । ଏହା ବାଗଡ ସ୍ୱର୍ଣ୍ଣଦୁକାନ ଜନ ଓ ଦଶତମଙ୍କର ଘଣ୍ଟା ସବର୍ଣ୍ଣ କରନ୍ତିଏ, ପତ୍ର ଲେଖି ମୂଲ୍ୟ ଜାଣନ୍ତୁ । "

ଆମ୍ଭେମାନେ ସର୍ବପ୍ରକାର ଦ୍ରବ୍ୟାଦି ବିକ୍ରୟ କରିଥାଉଁ କମିଶନ ଟଙ୍କାରେ ଦଶପଇସା ମାତ୍ର । ଅଗ୍ରିମ ଏକ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇଲେ ଦ୍ରବ୍ୟାଦି, ଭି, ପି, ରେ ପ୍ରେରିତ ହୁଏ । ଅନ୍ୟଥା ନୁହେ ।

ମେଲସ ଟ୍ରାଇ, କୋଂ ୭ ୧୯, "ବଲଦ୍ୱମୋହନ ଲେନ, ଶାମବଜାର, କଲିକତା ।






ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ବିଶ୍ୱବଶ୍ୟାତ ସ୍ୱେହ

## ଇଲେକ୍ଟ୍ରୋ ସାଲସା

ଅବ ଓ ଅଦ୍ଭୁତ ଅବର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ ତତ୍କ୍ଷଣାତରେ ପ୍ରକାଶିତ ଅଛି । ଏହା ରକ୍ତଦୁଷ୍ଟିର ବୃଦ୍ଧାଣ୍ଡ, ପାରଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ଶରୀର ଦରଶା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ । କ୍ଷୁଧା ବୃଦ୍ଧି କରିବାକୁ, କୋଷ୍ଠ ପରିଷ୍କାର ରଖିବାକୁ, ଦେହ ହୃଷ୍ଟ ପୁଷ୍ଟ କରିବାକୁ ଶକ୍ତି ଅଧିକ । ସ୍ୱପ୍ନଦୋଷ ନାଶ ହୁଏ, ଦୁର୍ବଳ ଇନ୍ଦ୍ରିୟ ସବଳ ହୁଏ, ଜୀବଶକ୍ତିର ପୁଷ୍ଟିବର୍ଦ୍ଧନ ହୁଏ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତା, ଅଲୌକିକତା ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ ଜ୍ୱଳନ୍ତ ସାକ୍ଷୀ ଦେଉଅଛି ତାହାର ୨।୩ ଖଣ୍ଡ ମାତ୍ର ପ୍ରକାଶିତ ହେଲା ।

୧ । ମହାମାନ୍ୟ ମହାରାଜା ସାର ସ୍ୱରୂପଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"✳✳✳ ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍ଟ୍ରୋ ସାଲସା" ଦୂଷିତରକ୍ତ ପରିଷ୍କାର କରିବା ଓ ରକ୍ତ, ବୃଦ୍ଧି ଦେହରୁ କଠିନ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା-ରଘୁନାଥ ଦେଓ ବେଡ଼ାଗୋଲରୁ ଲେଖିଅଛନ୍ତି—"✳✳✳ ବିଜ୍ଞାପନର ମୋହରେ ପଡ଼ି ଡାକ୍ତରୀ ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅପକାର ହେଲା ସେଥିରେ ପାପ ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣଙ୍କ ଇଲେକ୍ଟ୍ରୋ ସାଲସାର ଗୁଣ ମୁଁ ପୁଣି ପାରିବ ନାହିଁ । ମୋତେ ଅଧିକ ୩ ଶିଶି ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା-ଦ୍ୱାରଦର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ" ।

ମୂଲ୍ୟ କ୍ଷୁଦ୍ର ଶିଶି ଟ ୨ । ୩ ଶିଶି ୫ । ୬ ଶିଶିକୁ ଯଥାକ୍ରମେ ଟ ୧୦ ଟ ୧୮ ଟ ୨୦ । ଡାକମାସୁଲ ସ୍ୱତନ୍ତ୍ର

ପ୍ରାପ୍ତିସ୍ଥାନ—ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ, କଲିକତା ।


Digitized by srujanika@gmail.com

Split by PDF Splitter




ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ

## ମହିଳାମାନଙ୍କର ହେୟାର-ଲାଇନ ସୋହାଗର ସାମଗ୍ରୀ

କେଶର ପରିପୋଷଣ, ପରିବର୍ଦ୍ଧନ ଓ ଶ୍ରୀବର୍ଦ୍ଧନକାରୀ ମନୋହର କେଶ ତୈଳ । କେତୋଟି ଭେଷଜଗୁଣାନ୍ୱିତ ପ୍ରସ୍ଫୁଟିତ ପୁଷ୍ପେର, ଅନନ୍ତ ଘ୍ରାଣ ପୁଷ୍ପର ସାର, ବୈଜ୍ଞାନିକ ପ୍ରଣାଳୀରେ ଏକତ୍ରିତ କରି କେଶ ପୋଷକ ତୈଳ ସଂଯୋଗରେ ଏହି ହେୟାର-ଲାଇନ ପ୍ରସ୍ତୁତ ହୋଇଅଛି । ଅପଣ ଏହା ଲଗାଇବାକୁ ଆରମ୍ଭ କରନ୍ତୁ, ଅପୂର୍ବ ସୌରଭରେ ଘରଅଢ଼ ମହକ ଉଠିବ । ମସ୍ତିଷ୍କ ସୁଶୀତଳ ହେବ । ଚିତ୍ତ ସେହି ମନୋହର ସୁଗନ୍ଧରେ ମଗ୍ନ ହେବେ । ଅପଣଙ୍କର ମନେ ହେବ ଯେପରି ପ୍ରସ୍ଫୁଟିତ ପୁଷ୍ପ ଉଦ୍ୟାନରେ ଅଛନ୍ତି ।




"ହେୟାର-ଲାଇନ" ଲଗାଇ କେଶ ବିନ୍ୟାସ କଲେ ୨୪ ଘଣ୍ଟାକାଳ ଉକ୍ତ ସୁଗନ୍ଧରେ ଥାଏ । ସ୍ନାନ ପରେ ଦେହରେ ଯେତେ ପବନ ଲାଗେ, ହେୟାର-ଲାଇନର ଗନ୍ଧ ସେତେ ବାହାରୁଥାଏ, ସେପରି ସୌରଭର ଭଣ୍ଡାର ଖୋଲିବ । ଏହି ମୂଲ୍ୟବାନ୍ ଅତର ଓ ବିଦେଶୀୟ ମ୍ୟାକେସାର ତୈଳ ପ୍ରଭୃତି ଏହାର ସୌରଭ ଓ ଗୁଣ ନିକଟରେ ପରାଜିତ ।

"ହେୟାର-ଲାଇନ" ରଙ୍ଗ ଅତି ମନୋହର, ସ୍ୱଚ୍ଛତା ନିର୍ମଳ ଓ ସ୍ୱଚ୍ଛ । ଏଥି ନିମନ୍ତେ କେଶରେ ଅଠା ଧରେ ନାହିଁ, ଜଟା ଧରେ ନାହିଁ, ଦୁର୍ଗନ୍ଧ ହୁଏ ନାହିଁ ।

"ହେୟାର-ଲାଇନ" କେବଳ ସୌଖିନ ଜିନିଷ ନୁହେ ମସ୍ତ ବ୍ୟଥା, ମସ୍ତ ଘୂରା, ହିଷ୍ଟିରିଆ ପ୍ରଭୃତି ରୋଗର ମହୌଷଧ । ହସ୍ତ, ପଦରେ ଜଳା, ଗାତ୍ର ଦାହ, ଖଡ ଖଡ ପଡ଼ିବା, ପ୍ରାଣର ଅସ୍ଥିର ଭାବ, ସ୍ୱପ୍ନଦୋଷ ଦୌର୍ବଲ୍ୟ, ସ୍ମୃତି ଶକ୍ତିର ହ୍ରାସ ବୋଧ ହେବା, ଅନିଦ୍ରା, ଚକ୍ଷୁ ଦୌର୍ବଲ୍ୟ ପ୍ରଭୃତି ଉପସର୍ଗ ଦୂରୀକରଣରେ ଏହା ତୁଲ୍ୟ କ୍ଷମତାପନ୍ନ ଔଷଧ ଆଉ ନାହିଁ । ଏହା ସୁନ୍ଦର—ଅଙ୍ଗର ଭୂଷଣ ।

"ହେୟାର-ଲାଇନ" ବ୍ୟବହାରକାରୀର କେଶ ଝଡ଼ିବା ବନ୍ଦ ହୁଏ, କେଶର ମୂଳ ଶକ୍ତ ହୁଏ, କେଶ ଚିକ୍କଣ ଘନ ଏବଂ କଳା ଓ ଚକ୍‌ଚକ୍ ହୁଏ, ମସ୍ତିଷ୍କ ଥଣ୍ଡା ରହେ । ଅନେକ ଦିନ ବ୍ୟବହାର କଲେ ଖାଲବ ରୋଗ ନଷ୍ଟ ହୁଏ, ମସ୍ତକର ରୁଚି ପ୍ରଭୃତି ନଷ୍ଟ ହୁଏ; କେଶ ଘନ କୋମଳ ଓ ସ୍ନିଗ୍ଧ ହୁଏ, ଦେହର ଦୁର୍ବଳ ଦୂର ହୁଏ, ଚର୍ମ କୋମଳ ଓ କାନ୍ତିଯୁକ୍ତ ହୁଏ, ଜନର ସୌନ୍ଦର୍ଯ୍ୟ ଦେଖି ବଢ଼େ ଓ ବହୁ ବର୍ଣ୍ଣ ହୁଏ । ହେୟାର-ଲାଇନ ସମସ୍ତେ ବ୍ୟବହାର କରନ୍ତି । ଏହା ପ୍ରେମିକ ପ୍ରେମିକାର ଅତର ସାମଗ୍ରୀ ।

ମୂଲ୍ୟ ପ୍ରତି ବଡ଼ ଶିଶି ୧ ଟଙ୍କା (୩,୬,୧୨ ଶିଶି ଯଥାକ୍ରମେ ୫ ଟଙ୍କା, ୧୦ ଟଙ୍କା, ୨୦ ଟଙ୍କା ପ୍ୟାକିଂ ଓ ଡାକମାସୁଲ ସ୍ୱତନ୍ତ୍ର ।

ପ୍ରୋପ୍ରାଇଟର ଡବଲିଉ ମେଜର ଏଣ୍ଡ କୋମ୍ପାନୀ—କଲିକତା


## ବପଦବନ୍ଧୁ ଔଷଧାଳୟ ।

କଟକ ଉଡ଼ିଆବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅଭ୍ରାନ୍ତ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରୀ ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖା ଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ପଞ୍ଚାଶ ଟଙ୍କା ଭିତରେ ଭେଲୁପେବଲ ପାର୍ଶଲରେ ବାହାର ଲୋକଙ୍କୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ଡାକଟିକଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା କମ୍ ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦ ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା ଡାକ୍ତର ମେନେଜରଙ୍କ ନାମରେ ପଠାଇବେ ।

| | | |
|---|---|---|
| ବପଦବନ୍ଧୁ ଔଷଧାଳୟ<br>ଉଡ଼ିଆବଜାର, କଟକ<br>୩୦।୪।୧୯୦୪ | } | ଶ୍ରୀ ବାଳକୃଷ୍ଣଦାସ<br>କବିରାଜ<br>ଶ୍ରୀ ରାମକୃଷ୍ଣ ମିଶ୍ର |




ଡାକ୍ତର ମେଜର ସାହେବଙ୍କର,

ନୂତନ ଆବିଷ୍କାର ।

ଜବସ୍ତ୍ରୀ ଜଗତରେ—ଯୁଗାନ୍ତର ।।

ଅସାଧ୍ୟ ରୋଗର—ସାଧ୍ୟ ଔଷଧ ।।

## ହାଇଡ୍ରୋସିଲ-ଇଲିକ୍ ସାର

ବା

### କୋଷ ବୃଦ୍ଧିର ଅମୋଘ ଔଷଧ ।

ଗତ ବର୍ଷ ୪ ହଜାରରୁ ଅଧିକ ରୋଗୀ ଆରୋଗ୍ୟ ଲାଭ କରିଅଛନ୍ତି । ଅମ୍ଭେମାନେ ବୃହତ୍ ସାହସ କରୁଅଛୁଁ, ଏହି ପ୍ରଲେପ ନିୟମିତରୂପେ କେତେକ ସପ୍ତାହ ବ୍ୟବହାର କଲେ ଏକଶିରା ବା କୋଷବୃଦ୍ଧି ଯେତେ ବଡ଼ ହେଉ, ଯେତେ ପୁରାତନ ହେଉ ନିଶ୍ଚୟ ଆରୋଗ୍ୟ ହେବ । ଯେଉଁମାନେ ଏହି ବ୍ୟାଧିରେ ପୀଡ଼ିତ ହୋଇ ଓ ତାହାର କଷ୍ଟ ଯନ୍ତ୍ରଣାଦାୟକ ଉପସର୍ଗାଦି ଭୋଗ କରୁଅଛନ୍ତି ଓ ବିନା ଯନ୍ତ୍ରଣାରେ ଅଥଚ ଗୋପନଭାବରେ ଆରୋଗ୍ୟ ଲାଭର ବାସନା କରନ୍ତି, ସେମାନେ ଥରେ ଏହି ପ୍ରଲେପ ବ୍ୟବହାର କରି ଦେଖନ୍ତୁ । ପ୍ରଥମ ଦିନ ବ୍ୟବହାରରେ ଏହାର ଆଶ୍ଚର୍ଯ୍ୟ ଉପକାରିତା ଜଣା ଯିବ ଅର୍ଥାତ୍ କେବଳ ସ୍ୱଳ୍ପ କାଳରେ ଔଷଧ ଲେପନ କରି ବାନ୍ଧିଲେ ଉପରେ ଶୋଷଣ କଲେ କୋଷ ମଧ୍ୟସ୍ଥ ଦୂଷିତ ଜଳ, ମାଂସ ଗଳିତ ହୋଇ ବାହାରିବ, ସମସ୍ତ ଜଳ କ୍ରମେ କ୍ରମେ ଶୁଖି ଯିବ, ବାଢ଼ିଥିବା ଅଣ୍ଡ ଛୋଟ ହୋଇଯିବ ଏବଂ କ୍ରମେ ସ୍ୱାଭାବିକ ଆକାର ଧାରଣ କରିବ । ଯେଉଁମାନେ ଆରୋଗ୍ୟ ହେବା ବିଷୟରେ ହତାଶ ହୋଇଅଛନ୍ତି, ସେମାନେ ଏହି ମହୌଷଧ ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତୁ । ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ବା କଷ୍ଟକର କିଛି ନାହିଁ, ଅଥଚ ବହୁଲ ଫଳପ୍ରଦ ।

ମୂଲ୍ୟ ପ୍ରତି ଶିଶି ୧ ଟଙ୍କା, ତିନି ଶିଶି ଏକତ୍ରରେ ୩ ଟଙ୍କା, ଡାକମାସୁଲ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ—ଡବଲିଉ ମେଜର ଏଣ୍ଡ କୋମ୍ପାନୀ କଲିକତା


## କଟକ ଯୁଏଲରି ଓର୍କସ୍ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଅମ୍ଭେମାନେ ଦେଶୀୟ ଓ ବିଦେଶୀୟ ସୁନା ରୁପାର ଅଳଙ୍କାର ପ୍ରସ୍ତୁତ କରିବାର ଗୋଟିଏ କାରଖାନା ଖୋଲିଅଛୁଁ ଓ ଅନେକ ପ୍ରକାର ଜିନିଷ ମଧ୍ୟ ରଖିଅଛୁଁ । ସେଉଁମାନଙ୍କର ଯେପରି ଅଳଙ୍କାର ଦରକାର ହେବ ଅନୁଗ୍ରହ ପୂର୍ବକ ଠିକଣାକୁ ଲେଖି ପଠାଇଲେ ଅତି ସତ୍ୱର ଓ ଠିକ ବଜାର ଦରଠାରୁ ସୁଲଭ ମୂଲ୍ୟରେ ଜିନିଷମାନ ପାଇ ପାରିବେ । ସୁନା ଓ ରୁପାର ଭଲ ମନ୍ଦ ବିଷୟରେ ଅମ୍ଭେମାନେ ଦାୟୀ ଅଟୁଁ । ଆଶାକରୁଁ ଦେଶହିତୈଷୀ ବ୍ୟକ୍ତିମାନେ ଆମ୍ଭମାନଙ୍କୁ ଉତ୍ସାହ ଦାନ କରିବେ ।

| | | |
|---|---|---|
| କଟକ<br>ତା ୧୪।୧୧।୧୯୦୪ | } | ପରମାନନ୍ଦ ସ୍ୱର୍ଣ୍ଣ ମାନେଜର<br>ଡ, ସି, ସ୍ୱର୍ଣ୍ଣ ଏଣ୍ଡ କୋଃ<br>ଯୁଏଲର ଓ ବାଙ୍କର<br>ଚାନ୍ଦିନୀଚୌକ |

Digitized by srujanika@gmail.com

# ବିଜ୍ଞାପନ ।

ଅଭ୍ ତାହାରଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ବାଜେ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ୍ ।** ହତାଶ ପ୍ରାଣର ଏକମାତ୍ର ଆଶା ! !

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

## Dr. Martin's DANZIN

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଅଧୀନ ଅନୁସାରୀ ରେଜେଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅଳ୍ପ ବୟସଠାରୁ ଏତଦ୍ଦେଶବାସିମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଭାଗ୍ୟ ମାନବଙ୍କ ଜୀବନକୁ ଅସାର ଓ ଅକର୍ମଣ୍ୟ କରିପକାଏ, ଏହି ସକଳ ରୋଗ କବଳରୁ ଭାରତବାସିମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜୀନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରକରଣ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ଜେଭେଗୁଡ଼ିଏ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଅସୁରଣ, ଗନ୍ଧକ ଓ ଡାମିଆନା ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତପରିଷ୍କାରକ ଓ ଶୁକ୍ରବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ପରୀକ୍ଷିତ ଯନ୍ତ୍ର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜୀନ" ଆବିଷ୍କାର ହୋଇ ଭାରତବାସିମାନଙ୍କର ମହାନ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରିଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରିଥାନ୍ତି ଯେବେ ତୁମ୍ଭେ ବହୁ ପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜୀନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ନିର୍ଜୀବ ଦେହରେ ପୁନର୍ବାର ନୂତନ ଜୀବନ ପାଇବ। ଅକର୍ମଣ୍ୟଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ ! ! ! ଅନେକଙ୍କର ଧାରଣା ଅଛି ପାପ ଓ ଗରମିର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ ତାହାଙ୍କ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜୀନ" ଏକାବେଳେ ଦୂରୀଭୂତ କରିଦେଇଅଛି । ଡ୍ୟାନଜୀନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାପ ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ । ଡ୍ୟାନଜୀନ ରୋଗ ଗୁପ୍ତ ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ଡ୍ୟାନଜୀନର ଗୁଣ ସ୍ଥାୟୀ ।

ଡ୍ୟାନଜୀନରେ—ମଦ, ଅଫିମ, ଷ୍ଟ୍ରିକନିଆ, ମର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସମ୍ପର୍କ ନାହିଁ । ତଥାପି ଏହାର ଏହି ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର ଅଳ୍ପକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜୀନ—ଖାଇବାକୁ ସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜୀନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଲ ବୃଦ୍ଧ ବନିତା ନିର୍ବିଘ୍ନରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ନର ଦେହର ଜୀବନ ।

ଡ୍ୟାନଜୀନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମି ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଯ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ସ୍ୱଚ୍ଛପାଣି ପଦାର୍ଥ ବାହାର ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମୂତ୍ରାଘାତ, ମୂତ୍ରଶୂଳ, ଘୁସୁଘୁସିଆ ଜ୍ୱର, ହସ୍ତ ଜ୍ୱାଳା, ଚକ୍ଷୁରୁ ଜଳ ପଡ଼ିବା, ହାତଗୋଡ଼ ଜ୍ୱଳିବା, ସ୍ମରଣଶକ୍ତିର ହ୍ରାସ, ଧାତୁଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅଜୀର୍ଣ୍ଣ ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତପ୍ରଦର, ଅନିୟମିତ ଋତୁସ୍ରାବ, ବନ୍ଧ୍ୟତ୍ୱ, ଋତୁକାଳୀନ ପେଟରେ ବେଦନା ଓ ତଜ୍ଜନିତ ଇତ୍ୟାଦି ।—ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା—ଗରମି ଓ ତଜ୍ଜନିତ ପାପ ବ୍ୟବହାର ପ୍ରଭୃତି ଖଇରଙ୍ଗ ଘା ଓ ଚଟା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୂତ୍ରରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ଖସୁ ଘା, ନାଳଘା, ନାଉର, ଭଗନ୍ଦର, କାଛୁ, କୁଣ୍ଡିଆ ଓ ଏମନ୍ତ କି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା, ସମସ୍ତ ଶରୀର କନ୍‌କନ୍ ହେବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜୀନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଭଲ ହୁଏ, ଶରୀର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧।, ୩ବୋତଲ ଟ ୪୧ ଙ୍କା, ୬ବୋତଲ ଟ ୭। ଙ୍କା ଓ ୧୨ବୋତଲ ଟ ୧୪୲ ଙ୍କା ଡାକବ୍ୟୟ ୧ ଠାରୁ ୩ ବୋତଲ ଟ ୦। ଅଣା, ୪ ଠାରୁ ୧୨ ବୋତଲ ଟ ୦।୵ ଅଣା ।

I, B. G. & Co. Bara Bazar Calcutta
Registered Telegraphic
Address "DANZIN" CALCUTTA.

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ,
ଆଇ, ବି, ଜି, ଏଣ୍ଡ କୋଂ ବଡ଼ବଜାର କଲିକତା

ଏହି ଉତ୍କଳଦୀପିକା ସହର କଟକ ... ପ୍ରିଣ୍ଟିଂ କମ୍ପାନୀ ... ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED No. C 81



ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା।

# THE UTKAL DIPIKA.

ଶ୍ରୀ ୪୦ ଶ | ସଂ ୧୫ ସଂଖ୍ୟା

CUTTACK, SATURDAY THE 15th April 1905.

ଇଂ ୩ ନ ବୈଶାଖ ସନ ୧୩୧୨ ସାଲ ଶନିବାର

ସହର କଟକ ଅରୁଣୋଦୟ ପ୍ରେସ କମ୍ପାନୀ ଉଦ୍ୟୋଗରେ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଅଗ୍ରିମ ୪ ୩୧ | ପଶ୍ଚାଦେୟ ୫ ୬୧

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;— ପ୍ରଥମବାର ସକାଶେ ଧାଡ଼ିପ୍ରତି ଟ° ।/ ଓ ଅର୍ଦ୍ଧସ୍ତମ୍ଭକୁ ଟ ୨୧ ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ୩୧ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଖର୍ଚ୍ଚା ଟ° । ଠାରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

## କଟକ ପ୍ରିଣ୍ଟିଂକମ୍ପାନୀର

# ନୂତନ ପଞ୍ଜିକା ।

ଶକାବ୍ଦା ୧୮୨୭ ସନ ୧୩୧୨ ଓ ୧୩୧୩ ସାଲ ଇଂରାଜୀ ସନ ୧୯୦୫।୧୯୦୬ ମସିହାର ଦୁଇପ୍ରକାର ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏହି ପଞ୍ଜିକା ଉତ୍କଳର ପଞ୍ଜିକାମାନଙ୍କ ମଧ୍ୟରେ ସର୍ବାପେକ୍ଷା ପ୍ରାଚୀନ, ବୃହତ୍, ଉତ୍ତମ କାଗଜରେ ମୁଦ୍ରିତ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ଶ୍ରୀକ୍ଷେତ୍ରର ମୁକ୍ତିମଣ୍ଡପର ପୂଜ୍ୟପାଦ ପଣ୍ଡିତମଣ୍ଡଳୀ ଏହି ପଞ୍ଜିକାର ଅଧିକତର ଆଦର ଏବଂ ପୁରୀ ଜିଲ୍ଲାରେ ଏହାର ଅଧିକ ଗ୍ରାହକ ଏବଂ ଏହା ଶ୍ରୀ ଜଗନ୍ନାଥ ଦେବଙ୍କ ପାଞ୍ଜି ବୋଲି ବିଖ୍ୟାତ । ବିଶୁଦ୍ଧତା ସମ୍ବନ୍ଧେ ଅଧିକ ବୋଲିବା ବାହୁଲ୍ୟ ମାତ୍ରେ ।

| | |
|---|---|
| ବଡ଼ ପଞ୍ଜିକା | ଟ ୦। |
| ଛୋଟ ପଞ୍ଜିକା | ଟ ୦/ |

ଯେଉଁମାନେ ବିକ୍ରୟ କରିବାକୁ ଅଧିକ ସଂଖ୍ୟାରେ ନେବେ ସେମାନେ ଯଥେଷ୍ଟ କମିଶନ ପାଇବେ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟାରୀ

## NOTICE.

Tenders are invited for execution of the following works at the costs noted against each in the Baramba State during the year 1905-06. Persons intending to execute the works shall apply to the undersigned at once. They must fully state their experience in the works, and whether they are willing to deposit 20 per cent of the estimated amount of the works they require to take contract. Tenders will be received up to the 20th April 1905.

1. Construction of a Pucca building for the Police station ... Rs. 1352.
2. Construction of a Katcha boarding house ... Rs. 200.
3. Construction of a Mortuary Rs. 500
4. Construction of a Pucca Bridge at Dhobani Ghai Rs. 1500.
5. Repairs to the roof of the old palace ... Rs. 2000.
6. Repairs to the Baramba Narsingpur Road ... Rs. 500.
7. Repairs to the Bangarsinga, Gopinathpur and Sasang Roads. ... Rs. 1000.
8. Metalling to the Town Road. ... Rs. 200.
9. Deepening of the Tank in front of Rajbari with ghat &c ... Rs. 1000.
10. Improvement to the office tank ... Rs. 200.
11. Construction of a Bondh at Chakundapali ... Rs. 788.
12. Repairs to Civil Buildings Rs. 500.
13. General Improvement to the Rajbari surroundings. Rs. 500.
14. Repairs to the Tigria road Rs. 300.

Baramba Manager's office
30-3-1905

BHAGWAN MAHAPATRA
Offg. Manager

## NOTICE.

Wanted a temporary Sub-Overseer, qualified under Government Notification No. 3334 L. S. G. dated the 20th December 1901, on a salary of Rs. 25 rising to 30, a month by an annual increment of Re. 1 plus Rs. 15 horse allowance.

Applications will be received by the undersigned upto 15th April, 1905.

Preference will be given to one having experience in the construction and maintenance of Roads and buildings.

F. N. FISCHER,
*Chairman*
District Board
Cuttack.
18—3—05.

# ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଯାଉଅଛି ଯେ ଗତ ସନ ୧୯୦୪ ମସିହା ମାର୍ଚ୍ଚମାସ ତା ୧୮ ରଖ ଉତ୍କଳଦୀପିକାର ପୃ ୯୨ ଓ ମାର୍ଚ୍ଚ ମାସ ତା ୨୫ ରଖ ଉତ୍କଳଦୀପିକାର ପୃ ୯୭ ଓ ଅପ୍ରେଲମାସ ତା ୧ ରଖ ଉତ୍କଳଦୀପିକାର ପୃ ୧୦୫ ରେ ପ୍ରକାଶିତ ବିଜ୍ଞାପନରେ ଆମ୍ଭ ସମ୍ବନ୍ଧରେ ଯେ ସମସ୍ତ ଅପବାଦ ଦିଆଯାଇଅଛି ତାହା ଯଥାର୍ଥ ନୁହେ ଏବଂ ଦୁଷ୍ଟ ପ୍ରବୃତ୍ତିରେ ଉତ୍ପାଦିତ ହୋଇଅଛି । ଉକ୍ତ ଗୋସାଇଁ ନାମରେ ଅସତ୍ୟ ଦୋଷ ଆରୋପ କରି ତାହାର ଉପଯୋକ୍ତ ବିଜ୍ଞାପନଦାତା ଯାହାଙ୍କ ଉପଭୋକ୍ତା ଅସତ୍ୟ ଏବଂ ମିଥ୍ୟାପବାଦ ସହିତ ବିଜ୍ଞାପନ ପ୍ରଚାରିତ କରିଅଛନ୍ତି, ଯେବେ ଆଉ ଏପରି ପ୍ରକାର ଗୋଚର ହୁଏ ତେବେ ବିହିତ ଉପାୟ ଅବଲମ୍ବନ କରିବୁଁ ।

ମଠ ବାଲୁବଜାର
ଟାଉନ କଟକ
ତା ୫ ରଖ ଅପ୍ରେଲ
ସନ ୧୯୦୫ ମସିହା

ଶ୍ରୀ ତପୋନିଧି ସର୍ବେଶ୍ୱର ଭାରତୀ
ଗୋସାଇଁ

Digitized by srujanika@gmail.com

Split by PDF Splitter



# ନବଚନ୍ଦ୍ର ।



ଏହାଙ୍କ ଦ୍ୱାରା ପ୍ରସ୍ତୁତ ନିମ୍ନଲିଖିତ ଔଷଧମାନ ପରୀକ୍ଷିତ, ସୁତରାଂ ଏହାର ଉପକାରିତା ବିଷୟରେ ବିଜ୍ଞାପନର ଅଧିକ ପ୍ରୟୋଜନ ।

୧ । ଧନ୍ୱନ୍ତରୀ ବଟିକା—ଜ୍ୱରରେ ଅବ୍ୟର୍ଥ । ଏହା ଦ୍ୱାରା ଶୀତ, ଏକଜ୍ୱର, କମ୍ପ, ତେଜ ଓ ଜର୍ଣ୍ଣଜ୍ୱର, ପ୍ଲୀହା ଯକୃତ ସମ୍ବନ୍ଧୀୟ ଜ୍ୱର, ପୁରାତନ ଓ ନବଜ୍ୱର, ଶ୍ଳେଷ୍ମଜ୍ୱରରେ ଓ ଅନ୍ୟାନ୍ୟ ସର୍ବପ୍ରକାର ଜ୍ୱର ଅଳ୍ପକାଳ ମଧ୍ୟରେ ଆରୋଗ୍ୟ ହୁଏ । ମୂଲ୍ୟ—୧ ମସ ଡବା (୧୫ ବଟିକା) ୦ ୩/ ୨ ମସ ଡବା (୩୦ ବଟିକା) ୧/ । ୩ ମସ ଡବା (୫୦ ବଟିକା) ୧ ୮/ ।

୨ । ବସ୍ତୁ ଦାଦକେଶନ୍—ଏହା ଦାଦ, ଚର୍ମରୋଗ ବା କଣ୍ଡୁ ଓ ଖୋସପାଚ ପ୍ରଭୃତି ସର୍ବପ୍ରକାର ଚର୍ମରୋଗର ପରୀକ୍ଷିତ ଓ ଅମୋଘ, ଜ୍ୱାଳା ଯନ୍ତ୍ରଣା ଶୂନ୍ୟ, ଅଗ୍ରୁଫଳ ପ୍ରଦ ଓ ମୂଲ୍ୟ ଔଷଧ । ଏଥିରେ ଦେହ ଅଙ୍ଗେ ସମ୍ପୂର୍ଣ୍ଣ ଭଲ ହେଲେ ଦେଖାଯ ହୁଏ ନାହିଁ । ମୂଲ୍ୟ—୧ ଡବା ୦ । ଡାକ ୦ ୬

୩ । ଖଣ୍ଡଭାଳାଦଳ—ଏଥିରେ ଖାଲୁ ବ୍ରଣ ଓ ପ୍ରଭୃତି ନାନା ପ୍ରକାର ଚର୍ମରୋଗ ଏକ ସପ୍ତାହରେ ଆରୋଗ୍ୟ ହୁଏ ଓ କାଳୁରେ ଥିବା କୀଟାଣୁଗଣ ନଷ୍ଟ ହୁଅନ୍ତି । ମୂଲ୍ୟ ପ୍ରତି ଡବା ୦ ।, ଡାକ ଖରଚ ୦ ୬ ।

୪ । ଘଟସ୍ତମ୍ଭରାକ୍ସ—ଏଥିରେ ସବୁପ୍ରକାର ଘା ସଖା, ଖଣ୍ଡିଆ ଘା ପ୍ରଭୃତି ଦୁଷ୍ଟଘା ଅତି ସହଜରେ ଓ ଅଳ୍ପ ଦିନରେ ଆରୋଗ୍ୟ ହୁଏ । ଦିନମାନଙ୍କର ଶୀଘ୍ର ଭଲ ଘା ବଳସ୍ଥ ବା କଷ୍ଟ ଦେ ଓ ଉଭୟ ଲଗରେ ମଲଦ୍ୱାର କର୍ମ କରେ । ମୂଲ୍ୟ—୧ ଡବା ୦ । ଓ ଡାକ ୦

୫ । ଶୂଳଗଜାଙ୍କୁଶ—ଏଥିରେ ବାୟୁଶୂଳ, ପିତ୍ତ ବା ଅମ୍ଳଶୂଳ ପ୍ରଭୃତି ସର୍ବପ୍ରକାର ଶୂଳ ଓ ପେଟଫମ୍ପା ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତି ଡବା ୦ ୫; ଡାକ ଖରଚ ୦ ୧୨ ଜା

୬ । ସ୍ତ୍ରୀମେହନାଶିନୀ—ଶୌଚକର ପ୍ରଥମାବସ୍ଥା ଜଳ ପ୍ରମେହ ଶଶିକର ପରମଶତ୍ରୁ । ଏହା ଅନୁଭବ ଶିଖ ନଷ୍ଟ ଜଳେ ଉତ୍ତାପ ସୁଖଦା ଆଣିବା ପାଇଁ ଏହାକୁ ସେବନ କରନ୍ତୁ । ଦେହ ଦେବାପାଇଁ ଏହା ପ୍ରମେହ ଔଷଧ ପ୍ରମେହସ୍ରୁ । ଏଥିରେ ସେବନ ଦିନ ସମ୍ପୂର୍ଣ୍ଣମାତ୍ର ଔଷଧ ଶରୀରରୁ ଉଷ୍ଣ ହୁଏ ଓ ୨୪ ଘଣ୍ଟା ମଧ୍ୟରେ ମୂଳ, ସ୍ତନ ଖଣ୍ଡ ହୁଏ । ଏହା ପେଟ ଧାତୁଦୌର୍ବଲ୍ୟ ଓ ବଳ କାରକ ହୁଏ । ଏହା ମେହ ଧାତୁସମ୍ବନ୍ଧ ଓ ଏବଂ ଶରୀର ଯନ୍ତ୍ର ଧାତୁ ଦୌର୍ବଲ୍ୟ ଏହାର ଅତୁଳ ଉପଯୋଗୀ ହୁଏ ଏହାକୁ ସେବନ କରିବା ଉଚିତ । ମୂଲ୍ୟ—ପ୍ରତି ଡବା ୦ ୧; ଡାକ ଖରଚ ୦ ୧୫ ଜା

୭ । ଚନ୍ଦ୍ରାମୃତତୈଳ—ଏହା ନୂତନ ଓ ପୁରାତନ ସର୍ବପ୍ରକାର ବାତରକ୍ତ ରୋଗର ପରୀକ୍ଷିତ ଅବ୍ୟର୍ଥ ଔଷଧ ମୂଲ୍ୟ ଦୁଇ ଶିଶି—୦ ।୮; ଡାକଖର୍ଚ୍ଚ ୦ ୬ ଜା

୮ । ଅମୃତରସ—ଦେହର ନାନା ରୋଗରେ ଆଖିରେ ପାଣି, ଛାଲି ଓ ପୋଡାଘା ଦେହରେ ଅତ୍ୟନ୍ତ ଅଶ୍ରୁପାତ ଔଷଧ । ଅଳ୍ପ ମାତ୍ରା ଏଥିରେ ଅନୁଭବ କର୍ଣ୍ଣମୂଳ ଫୋଡା ଖାଦ୍ୟ, ଛପ୍ପର, ଅତିସାର, କାଶ, ଏହି ପ୍ରଭୃତି ରୋଗ ଆରୋଗ୍ୟ ହୁଏ । ମୂଲ୍ୟ—ଛୋଟ ଶିଶି ୦ ୮ ଡାକ ୦ ୫ ଜା

୯ । ଭାଗ୍ୟପୁଣ୍ୟତୈଳ—ଏହା ଶିରଃଶୂଳ, ଅର୍ଦ୍ଧକପାଳ ଓ ଅସାଧ ଜଳର କେଶ ଓ ଅନ୍ୟ ସର୍ବପ୍ରକାର ନଷ୍ଟ ଓ ସୁଗନ୍ଧ କେଶତୈଳ ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ବଡ ଶିଶି ୧ ୦୪, ଡାକ ଶିଶି ୦ ୪ ଜା

ଅଳ୍ପଦରରେ ବିଶେଷ ଜନ୍ମ ଯଶିଦ ଔଷଧମାନ ଏଠାରେ ଉଚିତ ମୂଲ୍ୟ ଯଥା—

| | | | | |
|---|---|---|---|---|
| ପିପର ଓ ଅର୍କ ପ୍ରଭୃତି | ଶିଶି | ୦ ୧୦ | ଡାକଟିକଟ | ୦ ୪( |
| ଗୋଳମରିଚ ଅର୍କ | ,, | ୦ ୦୪ | ,, | ୦ ୪( |
| ଅମୃତାଦ୍ୟ ପାଚନା | ,, | ୦ ୧୨ | ,, | ୦ ୧୪( |
| ନାରାୟଣ ତୈଳ | ,, | ୦ ୦୮/ | ,, | ୦ ୭( |

ଡାକମାଶୁଲ ଗ୍ରାହକ ଦେବେ

ପ୍ରାପ୍ତିସ୍ଥାନ ।

ଡାକ୍ତର ଶ୍ରୀ ଉଷାକଚନ୍ଦ୍ର ଦାସ ବାଲେଶ୍ୱର

# ବିଜ୍ଞାପନ ।

# ଯାଦୁର ଅର୍ଥାତ୍ ମହୌଷଧ

ଏପରି ସତ୍ୟ ଫଳପ୍ରଦ ମହୋପକାରୀ ଔଷଧ ଆଉ ନାହିଁ ।

ଯେଉଁମାନେ ନାନାପ୍ରକାର ଗାଉଟରେ ଅସହ୍ୟ ଯନ୍ତ୍ରଣା ଭୋଗୁଅଛନ୍ତି, ଯେଉଁମାନେ ଅନେକ ପ୍ରକାର ଉପାୟ କରି ବୃଥା ହୋଇ ବା ଡାକ୍ତରମାନଙ୍କ ଦେଖାଇଅଛନ୍ତି, ଯେ ଜ୍ୱାଳା ଯନ୍ତ୍ରଣାରେ ରାତ୍ରିଦିନ ଛଟପଟ ହେଉଅଛନ୍ତି, ତାଙ୍କୁ ଏ ରୋଗରୁ ମୁକ୍ତ ହେବାର ଉପାୟ କରନ୍ତୁ । ସେମାନେ ଏହି ପରୀକ୍ଷିତ ସୁପରୀକ୍ଷିତ ଏବଂ ସେବନୀୟ ପ୍ରଶଂସିତ ମହୌଷଧ ଉପରେ ମାତ୍ର ପରୀକ୍ଷା କରି ଦେଖନ୍ତୁ । ଅତ୍ୟନ୍ତ ବେଦନା ଥିବ ବ୍ୟାଧି ଯଦି ଦେହରେ ମାଲିସ କଲେ ଯାହା ପର୍ଯ୍ୟନ୍ତ ଭଲ ହୋଇ ଯାଉଅଛି । ଏହାର ଏପରି ଗୁଣ ଦେଖି ସମସ୍ତେ ଅତ୍ୟାଶ୍ଚର୍ଯ୍ୟାନ୍ୱିତ । ଏ ଔଷଧର ଏପର୍ଯ୍ୟନ୍ତ ବହୁ ସହସ୍ର ଲୋକ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ଲାଭ କରିଅଛନ୍ତି ।

ମୂଲ୍ୟ ୧ ଡବା ୦ ୦।୮/, ୩ ୦ ୧, ୬ ୦ ୧୩, ୧୨ ୦ ୩

# କାଟୁରି ମହୌଷଧ ।

ସବୁପ୍ରକାର କାଟୁ ବା ଖଜୁରି, କୁଣ୍ଡିଅଣ, ନାନାପ୍ରକାର ଚର୍ମରୋଗ ହେଲେ, ଏ ଉପରେ ଏ ଔଷଧର ପ୍ରୟୋଗ କରନ୍ତା ଅଛି । ଏ କଥା ଦେଖିଲେ ଏହି ଔଷଧ ଲଗାଇଲେ କୌଣସି ପ୍ରକାର ଯନ୍ତ୍ରଣା ନ ହୋଇ ଅତି ଶୀଘ୍ର ଶୀତଳ କରି ମନସ୍ତୁଷ୍ଟିପର ଦୂର ହୋଇଥାଏ । ଅନେକେ ଏହାର ଏମନ୍ତ ଉପକାର ପାଇ ବେଶି ବର୍ତ୍ତନ ହୋଇ ଥିବା ଖବର ଦେଉଅଛନ୍ତି । ଅନ୍ୟମାନ ମଧ୍ୟରେ ଏହା ସାମାନ୍ୟ ସର୍ବଶ୍ରେଷ୍ଠ ସାର୍ଟିଫିକେଟ୍ ଲାଭଧନ୍ୟବାଦପତ୍ରରେ ପ୍ରମାଣ ଅଟଇ ପାଇଅଛି ପଢ଼ିବା ଏବଂ ବାସ୍ତବରୁ ଏହାର ପରୀକ୍ଷା କରନ୍ତୁ ।

ମୂଲ୍ୟ ୧ ଡବା ୦ ୦/, ୩ ୦ ୧।୮/, ୬ ୦ ୨।୦, ୧୨ ୦ ୩୮ ।

ଗ୍ରାହକମାନଙ୍କେ ନିଜନିଜର ନାମ, ଗାମ, ଡାକଘର, ଜିଲା ଏବଂ କାହାର କେଉଁ ଔଷଧକୁ ଦେଉଛନ୍ତି ଅତଏବ ଉତ୍ତମରୂପେ ଏ ସବୁ କଥା ଲେଖିବେ ।

ଏକମାତ୍ର ପ୍ରାପ୍ତିସ୍ଥାନ ।

ଶ୍ରୀ ରାମଭାରତ ସେନ

ଟେଙ୍କ ଉତ୍କଳଶ୍ରେଣୀ, ବା ମାଗଙ୍ଗଙ୍କ ୭୧ ବାଲେଶ୍ୱର ।

# ନୂତନ ବିଜ୍ଞାପନ ।

# ଅମରକାନ୍ତି ରସାୟନ ।

ଦୁର୍ବଳ ରକ୍ତ ସଂଶୋଧକ, ଉପଦଂଶ ଓ

ପାରଦ ଦୋଷନାଶକ ।

ଅର୍ଯ୍ୟ ମହର୍ଷିମାନଙ୍କର ଆୟୁର୍ବେଦଶାସ୍ତ୍ରର ପରମ ଉପାଦେୟ ବ୍ୟବସ୍ଥା । କଠିନ ଏବଂ ଅସାଧ୍ୟ ଉପଦଂଶରେ ଏହି ଅମୃତ ତୁଲ୍ୟ ହୋଇଅଛି । ଏହି ଔଷଧ ସେବନ କଲେ ଦୂଷିତରକ୍ତ ପରିଷ୍କାର ହୋଇ ସମସ୍ତ ଶରୀରରେ ନବୀନ ରକ୍ତର ସଞ୍ଚାର ହେବ । ଏହା ଅସ୍ଥି, ମଜ୍ଜା, ମାଂସ ଶୁକ୍ର ପ୍ରଭୃତି ସମସ୍ତ ଧାତୁର ପୁଷ୍ଟିସାଧକ ଓ ଶରୀରକୁ ଅମର କାନ୍ତି ପ୍ରଦାନ କରେ । ଉପଦଂଶ ଦୋଷ ବା ପାରଦ ଦୋଷ ହେତୁ ଶରୀରରେ ଘା, ଚର୍ମରୋଗ, ଅସ୍ଥିବେଦନା, ଗଣ୍ଠିବାତ, ମାଂସ, ସନ୍ଧିପୀଡ଼ା ପ୍ରଭୃତି ଯେଉଁସବୁ ଭୟଙ୍କର ରୋଗ ଉପସ୍ଥିତ ହୋଇଥାଏ, ତାହା ସେ ସବୁ ରସାୟନ ସେବନରେ ଅଳ୍ପ ସମୟରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ।

ଏହା ସମ୍ପୂର୍ଣ୍ଣ ସେବନରେ ପୁରୁଷାର୍ଥହୀନ, ଅମ୍ଳପିତ୍ତ, ଦୁର୍ବଳତା, ଧାତୁଦୌର୍ବଲ୍ୟ ଏବଂ ଉପଦଂଶ ପର୍ଯ୍ୟନ୍ତ ଆରୋଗ୍ୟ ହେବ । ସ୍ୱଳ୍ପବ୍ୟୟରେ ଏହି "ରସାୟନ" ର ମୂଲ୍ୟ ଏକ ପୁଲି ବଡ ଶିଶି ୦ ୧, ୨ ଶିଶି ୦ ୩ ।

# ସୁଧାସିନ୍ଧୁ ! ସୁଧାସିନ୍ଧୁ !

ମେହ, ପ୍ରମେହ, ଧାତୁଦୌର୍ବଲ୍ୟର ଏକମାତ୍ର ଔଷଧ ଅନେକେ ମନେ କରନ୍ତି ମେହରୋଗର ଦୂଷିତ ଔଷଧ ନାହିଁ ମାତ୍ର ସେମାନଙ୍କର ଏହି ଧାରଣା ସମ୍ପୂର୍ଣ୍ଣ ଅମୂଳକ । ସବୁ ଧାତୁ ଦୌର୍ବଲ୍ୟ, ମସ୍ତିଷ୍କରେ ଅସହ୍ୟ ଯନ୍ତ୍ରଣା ଦାହ ପ୍ରମେହ, ରୋଗୀ ବା ରକ୍ତବର୍ଣ୍ଣ ପ୍ରସ୍ରାବ, ପ୍ରସ୍ରାବ ପୂର୍ବେ ବା ପରେ ସ୍ୱଳ୍ପ ଧାତୁସ୍ରାବ ଏବଂ ଉତ୍କଟ ମୂତ୍ରକଷ୍ଟ, ମୂତ୍ରକୃଚ୍ଛ୍ର, ସ୍ୱପ୍ନଦୋଷ ଦୂର କରିବା ପାଇଁ ଏହି "ସୁଧାସିନ୍ଧୁ" ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ । ଏହି ଔଷଧ ଅଳ୍ପଦିନ ସେବନରେ ମନରେ ନୂତନ ଶକ୍ତି ସଞ୍ଚାର ଅନୁଭବ କରିବେ, ଓ ୨୪ ଘଣ୍ଟାରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ଦୂର ହେବ, ଏବଂ ସପ୍ତାହ ବ୍ୟବହାରରେ ପୁନଃ ନୂତନ ସ୍ୱାସ୍ଥ୍ୟ ପ୍ରାପ୍ତ ହେବ ।

ଏକ ଶିଶିର ମୂଲ୍ୟ ୦ ୨। ଏକ ଶିଶିର ଡାକ ୦ ୬

# କୁଞ୍ଜରମାତଙ୍ଗ କେଶରୀ ।

ଏହା ପୁରାତନ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ ଉଦରାମୟର ଉପକାରକ । ଏହା ଉପକରଣ ଅତି ମୂଲ୍ୟବାନ୍ ଓ ପ୍ରଭୃତ ଗୁଣରେ ପ୍ରସ୍ତୁତ । ୩୨ ବଟୀ ସେବନରେ ରୋଗ ଦୂର ହେବ । ଏହା ସେବନରେ କ୍ଷୁଧାର ବୃଦ୍ଧି ମଳ ପରିଷ୍କାର ହେବ । ଏକଶିଶିର ମୂଲ୍ୟ ୦ ୧ ଜା ।

ଏତଦ୍ଭିନ୍ନ ଅନ୍ୟ ଏହି ଔଷଧାଳୟରେ ଆୟୁର୍ବେଦ ମତ ସବୁପ୍ରକାର ଘୃତ, ତୈଳ, ଚୂର୍ଣ୍ଣ, ଅବଲେହ, ବଟିକା ଓ ଶୋଧିତ ଧାତୁ ପ୍ରଭୃତି ଔଷଧ ସର୍ବଦା ପ୍ରସ୍ତୁତ ଥାଏ । ଯେ କେହି ରୋଗୀ କାହିଁକି ନୁହନ୍ତୁ ଚିକିତ୍ସା ପାଇଁ ଲେଖିଲେ ବିସ୍ତର ବ୍ୟବସ୍ଥାପତ୍ର ପଠାଯାଏ । ଅତଏବ ଏହି ଅପୂର୍ବ ଔଷଧ ପରୀକ୍ଷା କରି ଦେଖନ୍ତୁ ଏବଂ ଉତ୍ତମ ଫଳ ପାଇଲେ ଜଣାଇବେ ।

କବିରାଜ ଶ୍ରୀ ସୁରେନ୍ଦ୍ରନାଥ ଦାସ ଗୁପ୍ତ କବିଭୂଷଣ

୨୦।୨ ଦୋଲଗୋବିନ୍ଦ ଲେନ କଲିକତା ।

Digitized by srujanika@gmail.com

Split by PDF Splitter



## NOTICE.

Wanted a Nazir for the Nilgiri Raj office on a monthly salary of Rs. 20. The applicant should have competent knowledge of English and office work.

Applications will be received by the undersigned up to 25th April 1905.

NILGIRI
13-4-05

JADUPATI BANERJEE
Dewan
Nilgiri Raj.

## NOTICE.

Donors to rhe "Barrackpur Widow Relief Fund" are hereby informed that the woman, for whom the fund was raised, is missing. It is, therefore, proposed to utilise the sum realised for the relief of the sufferers from the recent earth-quake in the Punjab and the United Provi nces. Donors, having any objection, are requested to inform the undersigned within the next week.

Cnttack
14—4—05

Ganes Chundra Chunder.

## ADVERTISMENT.

A STARTLING OFFER ! ( SAVE YOURSELF )

All kinds of Diseases including Pains and aches of any description and however long standing are cured with the Magic Power of Thought force and Human Magnetism.

Charges Moderate.

Apply,

W. J. D'SOUZA
Mental Scientist
Government Pensioner
Bhadrak.

## ବିଜ୍ଞାପନ ।

କି ଆଶ୍ଚର୍ଯ୍ୟ ବ୍ୟାପାର ?

ବିନାଔଷଧରେ ଆରୋଗ୍ୟ ?

ସତ୍ୟ ସନାତନ ଆର୍ଯ୍ୟ ହିନ୍ଦୁମାନଙ୍କର ବେଦାନ୍ତୋକ୍ତ ପ୍ରଥାନୁସାରେ ସର୍ବପ୍ରକାର ଶାରୀରିକ ଓ ମାନସିକ ଉତ୍କଟ ଯନ୍ତ୍ରଣାପ୍ରଦ ରୋଗ ବିନା ଔଷଧ ସେବନରେ ମାନସିକ ବଳ ପ୍ରୟୋଗଦ୍ୱାରା ଆରୋଗ୍ୟ ହେବାର ବ୍ୟବସ୍ଥା ।

ଯେଉଁମାନେ ଏହି ଚିକିତ୍ସା ଲୋଡ଼ିବେ ନିମ୍ନଲିଖିତ ଠିକଣାରେ ଚିଠି ପଠାଇଲେ ଆମ୍ଭେ ଅବିଲମ୍ବେ ଯାଇ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ କରାଇଦେବୁଁ । ଏଥିରେ ଆଉ ସନ୍ଦେହ ନାହିଁ । ଦର ମନରେ ଦାବୀ ଅଟେ ।

୧୦।୪।୦୫
ସାହାପୁର, ଭଦ୍ରକ, ଏଫ୍, ଅର

ପ୍ରେରକ
ଡବ୍ଲିଉ ଜେ ଡିସୋଜା
ସରକାରୀ ପେନସନ ଭୋଗୀ

## ଜରୁରି ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ରଣପୁରଷ୍ଟେଟରେ ପୋଲିସ କାର୍ଯ୍ୟନିମନ୍ତେ ମାସିକ ଟ ୧୦ ଟଙ୍କା ବେତନରେ ଜଣେ ହେଡ଼କନଷ୍ଟେବଲ ଓ ପାଞ୍ଚଟଙ୍କା ଟ ୫ ( ବେତନରେ ଦଶଜଣ କନଷ୍ଟେବଲ ଆବଶ୍ୟକ, ହେଡ଼କନଷ୍ଟେବଲମାନେ ଉତ୍ତମରୂପେ ଲେଖାପଢ଼ା ଜାଣିଥିବେ ଏବଂ ବଳିଷ୍ଠ ଥିବେ, ଓ କୌଣସି ଷ୍ଟେଟରେ କାର୍ଯ୍ୟ କରିଥିବେ, କନଷ୍ଟେବଲମାନେ ମଧ୍ୟ ଓଡ଼ିଆ ଲେଖାପଢ଼ା ଜାଣିଥିବେ ଉମେଦୱାରମାନେ ଆପଣାର ପ୍ରଶଂସାପତ୍ର ସହ ଅଗାମୀ ମଇମାସ ତା ୧ ରିଖପର୍ଯ୍ୟନ୍ତ ନିମ୍ନଲିଖିତ ଠିକଣାକୁ ଦରଖାସ୍ତ ପଠାଇ ପାରିବେ ।

ତା ୧୧।୪।୦୫
। ରା । ରଣପୁର
ରାଜକଚେରୀ

ଶ୍ରୀ ନାରସିଂହ ଦେଓ ଭଞ୍ଜ
ରାଜା
। ରା । ରଣପୁର ।

## ଉତ୍କଳଦୀପିକା ।

ମାନ୍ୟବର ବଙ୍ଗେଶ୍ୱର ସର୍ ଫ୍ରେଜର ବାହାଦୁର କଲିକତାରୁ ଦାରଜିଲିଂକୁ ଯାଇ, ଗତ ଶନିବାର ସେଠାରେ ପହଞ୍ଚିଅଛନ୍ତି । ଗ୍ରୀଷ୍ମକାଳଟା ସେହିଠାରେ ଅବସ୍ଥାନ କରିବେ ।

ପୁରୀ ମନ୍ଦିରର ମାନେଜରଙ୍କର ଅନୁରୋଧମତେ ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁଁ କି ଏହି ଅପ୍ରେଲମାସ ତା ୨୭ ଇଂଷ୍ଟ ବୈଶାଖ କୃଷ୍ଣନବମୀ ଶୁକ୍ରବାର ଶ୍ରୀଜଗନ୍ନାଥଦେବଙ୍କର ରଘୁନାଥ ବେଶ ହେବ ।

କିଲ୍ଲା ଅଳର ପୂର୍ବ ରାଜା ପୀତାମ୍ବର ଦେବ ଅତ୍ୟନ୍ତ ଶୋଚନୀୟ ଦୁର୍ଘଟନାରେ ଅକାଳେ କାଳଗ୍ରାସରେ ପତିତ ହେବାର ଯଥାସମୟରେ ପ୍ରକାଶ କରିଅଛୁଁ । ତାହାଙ୍କର କନିଷ୍ଠଭ୍ରାତା ଯଥାବିଧିରେ ଅଳର ରାଜସିଂହାସନରେ ଆରୋହଣ ପୂର୍ବକ ଶ୍ରୀ ରାଜା ବ୍ରଜସୁନ୍ଦର ଦେବ ଉପାଧି ଧାରଣ କରିଅଛନ୍ତି । ନୂତନ ରାଜା ଗତ ମଙ୍ଗଳବାର ଏ ନଗରକୁ ଆସି ଜିଲ୍ଲା କଲେକ୍ଟର ଏବଂ ଡିଭିଜନ କମିଶନରଙ୍କ ସହିତ ସାକ୍ଷାତ କରି ଆଜ ନିଜ ରାଜ୍ୟକୁ ଫେରିଯିବେ ବା ଯାଇଅଛନ୍ତି ।

ଭାରତର ପ୍ଲେଗ ରୋଗର ଗତ ତା ୧ ରିଖରେ ଶେଷହେବା ସପ୍ତାହର ତାଲିକାରୁ ପ୍ରକାଶ ଯେ ସେହି ସପ୍ତାହର ମୋଟ ମୃତ୍ୟୁ ୫୭୭୦୬ ଥିଲା । ଏହି ଅଙ୍କ ତହିଁ ପୂର୍ବସପ୍ତାହର ଅଙ୍କଠାରୁ ୩୮୦୭ ଅଧିକ ଅଟେ ଅର୍ଥାତ୍ ରୋଗର ପ୍ରକୋପ ବୃଦ୍ଧିଉପରେ ଅଛି ଏବଂ ସେହି ବୃଦ୍ଧି ପ୍ରଧାନତଃ ( ୨୮୦୦ ) ଯୁକ୍ତପ୍ରଦେଶରେ ଘଟିଅଛି । ବଙ୍ଗ, ପଞ୍ଜାବ, ମଧ୍ୟଭାରତ, ରାଜପୁତାନାରେ ମଧ୍ୟ ରୋଗ ବୃଦ୍ଧିଉପରେ ଅଛି । ବମ୍ବେର ମୃତ୍ୟୁ ୩୧୬୬ ରୁ ୩୦୫୬ କୁ ଖସିଆସିଅଛି ।

ଶିବପୁର ଇଞ୍ଜିନିୟରିଂ କଲେଜର କୃଷିଶ୍ରେଣୀର ପରୀକ୍ଷୋତ୍ତୀର୍ଣ୍ଣ, ଏକ ଛାତ୍ର ବାବୁ ସୁବୋଧଚନ୍ଦ୍ର ରାୟ ବି, ଏ, ଶିକ୍ଷା ନିମନ୍ତେ ଡେପୁଟି କଲେକ୍ଟର ଏବଂ ଅନ୍ୟ ଏକ ଛାତ୍ର ବାବୁ ଭୂପେନ୍ଦ୍ରନାଥ ଘୋଷାଲ ବି, ଏ, ଶିକ୍ଷା ନିମନ୍ତେ ସବଡେପୁଟି କଲେକ୍ଟରର ନିଯୁକ୍ତ ହୋଇଥିବାର ଗତ କଲିକତା ଗେଜେଟରେ ଦେଖି ଆନନ୍ଦିତ ହେଲୁଁ । ଉକ୍ତ କଲେଜର କୃଷିଶ୍ରେଣୀରେ ପାସ କରିବା ଦୁଇଜଣ ଛାତ୍ରଙ୍କୁ ଏହିପରି ନିଯୁକ୍ତ କରିବେ ବୋଲି ଗବର୍ଣ୍ଣମେଣ୍ଟ ଯାହା କହିଅଛନ୍ତି ତାହା କାର୍ଯ୍ୟତଃ ଦେଖାଗଲା ।

ଆଗାମୀ ଶୁକ୍ରବାର ଖ୍ରୀଷ୍ଟିୟାନମାନଙ୍କର ଗୁଡ୍‌ଫ୍ରାଇଡେ ପର୍ବ ପଡ଼ିବ ଏବଂ ସେହି ଉପଲକ୍ଷରେ ସରକାରୀ କଚେରୀ ଓ ସ୍କୁଲମାନ ସେଦିନଠାରୁ ତହିଁପର ସୋମବାର ପର୍ଯ୍ୟନ୍ତ ଦଖଲ ବନ୍ଦ ହେବ । ସେହି ସମୟରେ ମଇମନସିଂହଠାରେ ବଙ୍ଗ ପ୍ରାଦେଶିକ ସମିତିର ଅଧିବେଶନ ହେବ । କଲିକତାର ବାବୁ ଭୂପେନ୍ଦ୍ରନାଥ ବୋଷ ସଭାପତି ମନୋନୀତ ହୋଇଅଛନ୍ତି । ମାନାଜିଲ୍ଲାରେ ପ୍ରତିନିଧି ନିର୍ବାଚନର ଯେପରି ଧୂମ ଲାଗିଅଛି ତହିଁରୁ ଆଶା ହୁଏ ଏଥର ସମିତିର ଅଧିବେଶନରେ ଭାରି ସମାରୋହ ହେବ ।

ବଙ୍ଗୀୟ ରେବନ୍ୟୁ ବୋର୍ଡ଼ର ମେମ୍ବର ମାନ୍ୟବର ଜେ, ଜି, ଗୁପ୍ତସାହେବ ଗତ ସୋମବାର ସକାଳେ ଏ ନଗରରେ ଉପସ୍ଥିତ ହୋଇ କଲେକ୍ଟରି ମହାଫେଜଖାନା ଦେଖି ସେହିଦିନ ସନ୍ଧ୍ୟା ଟ୍ରେନରେ କଲିକତାକୁ ବାହୁଡ଼ିଗଲେ । ମାନ୍ୟବର ମହୋଦୟ ଆମ୍ଭମାନଙ୍କର କଲେକ୍ଟର ସାହେବଙ୍କର କୋଠିରେ ଅବସ୍ଥାନ କରିଥିଲେ ଓ ତାହାଙ୍କସଙ୍ଗେ ଦେଖା କରିବାକୁ କେତେଜଣ ଦେଶୀୟ ଭଦ୍ରଲୋକ ଯାଇଥିଲେ । ସମୟର ସ୍ୱଳ୍ପତା ଏବଂ ପୂର୍ବରୁ ଜାଣି ନ ଥିବା ହେତୁରୁ ଅନେକ ଲୋକ ସୁଯୋଗ ହଜୁର ଦର୍ଶନ କରି ନ ପାରି ଦୁଃଖିତ ହେଲେ ।

ଗତ ଶନିବାର ସନ୍ଧ୍ୟାରେ ଏ ନଗରର କମିଶନର ସାହେବ ତାହାଙ୍କର ସୁପ୍ରସିଦ୍ଧ ଏଣ୍ଡାର ସିରସ୍ତାଦାରଙ୍କ ସଙ୍ଗେ ସେନ ବଠାରୁ ମାଲଗୋଦାମକୁ ଯାତ୍ରା କରିବାକୁ ଶୁଣାଗଲା ଯେ ସେଠାରେ କ ଗୋଟାଏ ଗୁରୁତର କାଣ୍ଡ ଘଟିଅଛି । ରାଜାଙ୍କପକ୍ଷରୁ ବାବୁ ଜାନକୀନାଥ ବୋଷ ଉକିଲ ଯାଇଥିଲେ । କଥିତ ହୁଏ ଯେ ଏଥିପୂର୍ବେ ଏହି ନଗରରେ ମାଲଗୋଦାମ ରାଜାଙ୍କ କୋଠିରେ ଯେଉଁ କେସ ହୋଇଥିଲା ସେ ସମ୍ବନ୍ଧରେ ରାଜା ତାହାଙ୍କର କେହି ଭୃତ୍ୟଙ୍କ ଧର ଅଟକ ରଖି ଅତ୍ୟାଚାର କରିଥିବା ହେତୁ

Digitized by srujanika@gmail.com

Split by PDF Splitter
168



ମାମଲା ଉପସ୍ଥିତ ହୋଇଅଛି । ସାହେବ ମହୋଦୟ ଗତକାଲି ପେଉ ଆସିଅଛନ୍ତି । ବିସ୍ତାରିତ ବିବରଣ ଏପରେ ଜଣାଯିବ ।

---

ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ଏକ ପ୍ରଶ୍ନର ଉତ୍ତରରେ ଗବର୍ଣ୍ଣରଙ୍କ ପକ୍ଷରୁ ମାନ୍ୟବର କାରଲାଇଲ ସାହେବ ସେହେଟସ୍ ପ୍ରକାଶ କରିଅଛନ୍ତି ଯେ ସବ୍‌ଡେପୁଟି କଲେକ୍ଟରମାନଙ୍କ ସଂଖ୍ୟା ୧୦୪ ରୁ ୨୨୫ କୁ ବୃଦ୍ଧି ହୋଇଅଛି ଏବଂ ଏକଶ୍ରେଣୀରୁ ଅନ୍ୟଶ୍ରେଣୀକୁ ଉନ୍ନତ ପାଇବାର ସୁବ୍ୟବସ୍ଥା ହୋଇଅଛି । ଏପରି ଗୋଟିଏ ଟା ସବ୍‌ଡେପୁଟି କଲେକ୍ଟରୀ ପଦର ବେତନ ମାସକୁ ଟ ୨୫୦୲ ଙ୍କା ଲେଖାଏଁ ଗୋଟିଏ ନୂତନ ଶ୍ରେଣୀ ହୋଇ ଧାର୍ଯ୍ୟ ହୋଇଅଛି । ସେଉଁ ସବ୍‌ଡେପୁଟିମାନେ ସନ୍ତୋଷଜନକରୂପେ କାର୍ଯ୍ୟ କରିବେ ଅଥଚ ଡେପୁଟି କଲେକ୍ଟରୀ ପଦକୁ ଉନ୍ନତ ପାଇବାର ଯୋଗ୍ୟ ବିବେଚିତ ହେବେ ନାହିଁ, ସେମାନେ ସେହି ନୂତନ ଶ୍ରେଣୀରେ ଉନ୍ନତ ହେବାଦ୍ୱାରା ପୁରସ୍କୃତ ହେବେ ।

---

କଲିକତା ଓ ମାନ୍ଦ୍ରାଜ ପର / ଏଲାହାବାଦରେ ଲର୍ଡ କର୍ଜନଙ୍କର ବିଶ୍ୱବିଦ୍ୟାଳୟର ବାର୍ଷିକ ସଭାର ବକ୍ତୃତା ଏବଂ ଶାସନ କଉ ପ୍ରଭୃତି କରିବା କାରଣ ଏକ ସଭା ହୋଇଥିଲା । ସେ ସ୍ଥାନର ସଙ୍କେଂଶ୍ର ଉକିଲ ପଣ୍ଡିତ ସୁନ୍ଦରଲାଲ ନାଥ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାପତିଙ୍କର ବକ୍ତୃତା ଅତ୍ୟନ୍ତ ଯୁକ୍ତିଯୁକ୍ତ ଏବଂ ହୃଦୟଗ୍ରାହୀ ହୋଇଥିଲା । ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ସେ କହିଥିଲେ ଯେ ମହାମାନ୍ୟ ଲର୍ଡ କର୍ଜନ ବାହାଦୁର ଭାରତର ପ୍ରାଚୀନ କୀର୍ତ୍ତିମାନ ରକ୍ଷା ଓ କୀର୍ତ୍ତି ସଂସ୍କାରରେ ଅତ୍ୟନ୍ତ ମନୋଯୋଗୀ ହୋଇ ଭାରତବାସିଙ୍କର କୃତଜ୍ଞତା ଅର୍ଜ୍ଜନ କରିଅଛନ୍ତି । ବଡ଼ ଦୁଃଖର ବିଷୟ ଯେ ଭାରତବାସିଙ୍କୁ ଉଚ୍ଚଶିକ୍ଷା ଦାନ କରି ଇଂରାଜ ଗବର୍ଣ୍ଣମେଣ୍ଟ ଯେଉଁ ଅମୂଲ୍ୟ କୀର୍ତ୍ତି ସ୍ଥାପନ କରିଅଛନ୍ତି ତହିଁ ପ୍ରତି ତାହାଙ୍କର ଆସ୍ଥା ନାହିଁ । ଏମନ୍ତ ନୀତି ଅବଲମ୍ବନ କରିଅଛନ୍ତି ଯେ ଉଚ୍ଚଶିକ୍ଷିତ ଲଭତା ବ୍ୟକ୍ତିମାନଙ୍କର ଉଦ୍ଭବ ହେବା ନିମିତ୍ତ ଥାଉ ସେ ଶିକ୍ଷାର ବାଟ ବନ୍ଦ ହେବାର ଉପକ୍ରମ ହୋଇଅଛି ।

---

ବାଲେଶ୍ୱର, ରାଞ୍ଚି, ହୁଗୁଳି, ମୋଜଫର ପୁର ଏବଂ ହିପୁର ଏହି ପାଞ୍ଚ ସ୍ଥାନରେ ନୂତନ ପ୍ରଣାଳୀରେ ଚୌକିଦାରୀ ପଞ୍ଚାୟତ ନିଯୁକ୍ତ ହୋଇଅଛନ୍ତି ଏବଂ ପ୍ରତ୍ୟେକ ଇଉନିୟନ ବା ଉଚ୍ଚଳର ପଞ୍ଚାୟତମାନଙ୍କର ପ୍ରେସିଡେଣ୍ଟ ବା ସଭାପତି ସେଉଁମାନେ ହୋଇଅଛନ୍ତି ସେମାନଙ୍କୁ ଫଉଜଦାରୀ କାର୍ଯ୍ୟବିଧି ଆଇନର ଧା ୫୪,୫୭ ଓ ୬୮ ଧ ଅନୁସାରେ ମାଜିଷ୍ଟ୍ରେଟର କ୍ଷମତା ମାନ୍ୟବର ବଙ୍ଗୀୟ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ପ୍ରଦାନ କରିଥିବାର ଗତ କଲିକତା ଗେଜେଟରେ ସେମାନଙ୍କର ନାମ ପ୍ରକାଶିତ ହୋଇଅଛି । ଉକ୍ତ କ୍ଷମତା ସେମାନେ ବିଜ୍ଞାପନର ତାରିଖରୁ ବ ୩ ର୍ଷ ପରିଚାଳନ କରିବେ । ବାଲେଶ୍ୱର ଜିଲ୍ଲାର କେବଳ ସୋରୋ ଥାନା ଏବଂ ଅନନ୍ତପୁର, ଖଏର ଓ ଶିମୁଳିଆ ଫାଣ୍ଡିମାନଙ୍କରେ ଇଉନିୟନମାନଙ୍କର ପଞ୍ଚାୟତ ସଭାପତିମାନଙ୍କର ନାମ ବାହାରିଅଛି । ଅନ୍ୟ ଥାନାରେ ଏ ନିୟମ ହୋଇଅଛି କି ନାହିଁ ଏପରେ ଜଣାପଡ଼ିବ ।

---

ଏଠା ରେଭେନସା ବାଳିକା ବିଦ୍ୟାଳୟର ପୁରସ୍କାର ବିତରଣ ସମୟରେ ସଭାପତି ଶ୍ରୀଯୁକ୍ତ କମିଶନର ସାହେବଙ୍କ ସମ୍ମୁଖରେ ଯେଉଁ ରିପୋର୍ଟ ପାଠ ହୋଇଥିଲା ତହିଁରୁ ପ୍ରକାଶ ଯେ ଛାତ୍ରୀ ସଂଖ୍ୟା ଉଣା, ପରୀକ୍ଷାର ଫଳ ଏକପ୍ରକାର ମନ୍ଦ ଓ ଲେଖା ଅତ୍ୟନ୍ତ ବାଙ୍କା ପଡ଼ୁଅଛି ଏବଂ ଛାତ୍ରୀମାନେ ଲୋୟର ପ୍ରାଇମେରୀ ଶ୍ରେଣୀରେ ଶୂନ୍ୟ ହୋଇଅଛନ୍ତି, ଏପ୍ରକାର ଦୁରବସ୍ଥା ହେତୁ ଗବର୍ଣ୍ଣମେଣ୍ଟ ସାହାଯ୍ୟ ବନ୍ଦ ହୋଇଅଛି । ଏଥିପାଇଁ "ଉତ୍କଳ ଷ୍ଟାର" ସେହି ବିଦ୍ୟାଳୟର ଅନୁକୂଳ ସଂସ୍କାରର ମତ ଦେଇଅଛନ୍ତି । ଏଥିକୁ 'ଓଡ଼ିଆ ଓ ନବସମ୍ବାଦ' କହୁଅଛନ୍ତି ଯେ ଏମନ୍ତ ସ୍ଥଳେ କଟକ ଲୋକମାନଙ୍କର ଆଉ ଗୋଟିଏ ବାଳିକାବିଦ୍ୟାଳୟ ସ୍ଥାପନ କରିବାର କଳ୍ପନା ମନକୁ ଆସୁ ନାହିଁ । ନୂତନ ଗୋଟାଏ ବିଦ୍ୟାଳୟ ସ୍ଥାପନ କରିବାଠାରୁ ଏହି ବାଳିକାବିଦ୍ୟାଳୟକୁ କ୍ଷୟଶୀଳ ଅବସ୍ଥାରୁ ଉଦ୍ଧାର କରିବା ଉଚିତ ଅଟେ । ସହଯୋଗିଙ୍କର ପରାମର୍ଶ ଅବଶ୍ୟ ଯୁକ୍ତିସଙ୍ଗତ ଅଟେ । ମାତ୍ର ଯେଉଁମାନେ ଗୋଟିଏ ଉତ୍କୃଷ୍ଟ ପ୍ରକାରର ବାଳିକାବିଦ୍ୟାଳୟ ସ୍ଥାପନ କରିବାର ଯତ୍ନ କରୁଅଛନ୍ତି ସେମାନେ ଯେ ଏହି ବିଦ୍ୟାଳୟର ଅସ୍ତିତ୍ୱ ଏକାବେଳେ ଅସ୍ୱୀକାର କରୁଅଛନ୍ତି ଏମନ୍ତ ବୋଲିବାର କିଛି କାରଣ ଏପର୍ଯ୍ୟନ୍ତ ଘଟି ନାହିଁ ।

---

## ରୁଷ ଜାପାନଯୁଦ୍ଧ ।

ଗତଥର ସନ୍ଧି ପ୍ରସ୍ତାବର ସୂତ୍ରପାତ ହୋଇଥିବାର ଉଲ୍ଲେଖ କରିଥିଲୁଁ ଓ ଆଶା ଭରସା ହୋଇଥିଲା ଯେ ରକ୍ତପାତ ସ୍ଥଗିତ ହେବ ଭୂମଣ୍ଡଳ ଶାନ୍ତ ହେବ, ଆଉ ଯୁଦ୍ଧର ଭୀଷଣ ରଣସମ୍ବାଦ ଆସିବ ନାହିଁ ମାତ୍ର ସେ ଆଶା ମରୀଚିକାବତ୍ ହେଲାପ୍ରାୟ ବୋଧ ହେଉଅଛି । ଯୁଦ୍ଧ ଜଳ ଓ ସ୍ଥଳ ଉଭୟ ସ୍ଥାନରେ ଲାଗିବାର ବିଶେଷ ଆୟୋଜନ ହେଉଅଛି । ଗତ ତା୮ର ଖବରେ ଜାପାନମାନଙ୍କସହିତ ସାଙ୍ଗଟୁପୂଠାରେ ତା ୧୬ ପର୍ଯ୍ୟନ୍ତ ଯୁଦ୍ଧ ହୋଇଥିଲା । ଏ ଯୁଦ୍ଧରେ ଜାପାନ ପକ୍ଷର ଜୟ ହୋଇଥିବାର କଥିତ ହୁଏ । ରୁଷସେନାପତି ଲିନେଭିଚ ରିପୋର୍ଟ କରିଅଛନ୍ତି ଜାପାନର ଅଧିକାଂଶ କ୍ଷତି ହୋଇଅଛି ଓ ରୁଷର କେବଳ ୪୦ ଜଣ ନଷ୍ଟ ହୋଇଅଛନ୍ତି । ସେ ରୁଷ ସମ୍ରାଟଙ୍କୁ ଅତି ଆଶ୍ୱାସପୂର୍ବକ ତାରଯୋଗରେ ଦେଇଅଛନ୍ତି ଯେ ରୁଷସେନାମାନଙ୍କର ରଣଭକ୍ତି ଓ ସ୍ନେହ ଅସୀମ ଓ ବିଜୟ ଅଟଳ ନିଶ୍ଚୟ ବୁଝିବାକୁ ହେବ । ସିଙ୍ଗାପୁରଠାରୁ ଗତ ତା ୮ ଦିନରେ ତାର ସମ୍ବାଦ ଆସିଅଛି ଯେ ସିଙ୍ଗାପୁରର ୧୩୦ ମାଇଲ ଉତ୍ତରରେ ୪୭ ଗୋଟି ରୁଷ ଜାହାଜ ଦୃଷ୍ଟିଗୋଚର ହୋଇଥିଲା ଓ ସେମାନେ ଉତ୍ତର ପୂର୍ବଦିଗକୁ ଅଗ୍ରସର ହେଉଥିଲେ, ଅନ୍ୟଦିଗରେ ୨୦ ଗୋଟି ଜାପାନି ଜାହାଜ ପିନାଙ୍ଗର ଦକ୍ଷିଣ ପଶ୍ଚିମରେ ଦେଖାଯାଇଅଛି । ବର୍ତ୍ତମାନ ବଡ଼ ଭୟାନକ ସମୟ ଉପସ୍ଥିତ ହେବାର ଆଶଙ୍କା ହୋଇଅଛି । ନୌଯୁଦ୍ଧ ଅବଶ୍ୟ ଶୀଘ୍ର ହେବ ଓ ଦୁଇଦଳର ଭବିଷ୍ୟତ ମଙ୍ଗଳ ଓ ଅମଙ୍ଗଳ ଏହି ନୌଯୁଦ୍ଧର ଫଳଉପରେ ନିର୍ଭର କରେ । ରୁଷର ବଲ୍ଟିକରଣତରୀ ସିଙ୍ଗାପୁର ଅତିକ୍ରମ କରି ସାଇଗୋନଠାରେ ପହୁଞ୍ଚିଅଛି । କଥିତ ହୁଏ ଜାପାନର ଦୁଇଗୋଟି ଜାହାଜ ବୁଡ଼ିଯାଇଅଛି ।

---

## ମାନସିଂହପଟଣା ଜଗାଏଗା ମାମଲାର ଶେଷଅଙ୍କ ।

ଏ ନଗରର ମାନସିଂହପଟଣା ଜଗାଏଗା ମୋକଦ୍ଦମା ସମ୍ପର୍କରେ ଯେଉଁ ପୁଲିସ କର୍ମଚାରୀମାନେ ସସ୍ପେଣ୍ଡ ହୋଇଥିଲେ, ସେମାନେ ଅବ୍ୟାହତି ପାଇଅଛନ୍ତି । ସେମାନେ ଅପଣା ଡିଫେନ୍ସରେ ଲେଖିଥିଲେ ଯେ ଯେଉଁମାନେ ଡକାଏତିରେ ଦଣ୍ଡ ପାଇଥିଲେ ସେମାନେ ପ୍ରକୃତ ଦୋଷୀ ଏବଂ ଦାୟରା ଅଦାଲତରେ ସେମାନଙ୍କ ବିରୁଦ୍ଧରେ ଯେଉଁ ପ୍ରମାଣ ଦିଆଯାଇଥିଲା ତାହା ଅକୃତ୍ରିମ ଅଥଚ କେବଳ ପୁଲିସ କର୍ମଚାରୀମାନଙ୍କୁ ବରବାଦ କରିବା ନିମନ୍ତେ ସେମାନଙ୍କର ହେଡେଡ ଜଣ ପ୍ରଧାନ ଶତ୍ରୁ ଷଡ଼ଯନ୍ତ୍ର କରି ଦଣ୍ଡପ୍ରାପ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣଙ୍କୁ ଖଲାସ କରାଇ ଦେଇଅଛନ୍ତି । ଉକ୍ତ ଡିଫେନ୍ସରୁ ଅମୂଳକ ଏବଂ ଅସଙ୍ଗତ ବୋଲି ସାବ୍ୟସ୍ତ ହୋଇଅଛି ଏବଂ ସେହିମାନଙ୍କୁ ଗବର୍ଣ୍ଣମେଣ୍ଟ ମୁକ୍ତି ଦେଇଥିଲେ ସେମାନଙ୍କ ମଧ୍ୟରୁ ଏକଜଣ ସମ୍ପର୍କରେ ସନ୍ଦେହ ଥିଲେହେଁ ଦୁଇଜଣ ସମ୍ପୂର୍ଣ୍ଣ ନିର୍ଦ୍ଦୋଷୀ ବୋଲି ମୀମାଂସା ହୋଇଅଛି । ପୁଲିସ ଜାଣିଶୁଣି କୃତ୍ରିମ ପ୍ରମାଣଦ୍ୱାରା ନିର୍ଦ୍ଦୋଷୀ ଲୋକମାନଙ୍କୁ ଦଣ୍ଡ ଦିଆଇଥିବାର ପ୍ରମାଣ ନ ଥିବାରୁ ଓ କେବଳ

Digitized by srujanika@gmail.com

କର୍ତ୍ତବ୍ୟ କର୍ମ ସମ୍ପାଦନରେ ବାହାଦୁରୀ ଦେଖାଇବା ଅଭିଳାଷରେ ପ୍ରବୃତ୍ତ ହୋଇଥିବାର ଅନୁମାନ ହେବାରୁ ଅଉ ମଧ୍ୟ ଯେଉଁ ଇନ୍‌ସ୍ପେକ୍ଟର ଅସାମିମାନଙ୍କୁ ଗ୍ଲାନି ଦେଇଥିଲେ ସେ ବହୁକାଳ କାର୍ଯ୍ୟ କରି କୌଣସି ଦଣ୍ଡ ପାଇ ନ ଥିବାରୁ ପୁଲିସ କର୍ମଚାରୀମାନଙ୍କୁ କୌଣସି ଦଣ୍ଡ ଦେବା ଆବଶ୍ୟକ ହେଲା ନାହିଁ । କିନ୍ତୁ ପୁଲିସ ସାହେବ ଇନ୍‌ସ୍ପେକ୍ଟରଙ୍କ ଡେଇରିବହିରେ ମନ୍ତବ୍ୟ ଲେଖିବା ବେଳେ ଆସିଷ୍ଟ କଲେକ୍ଟର ସାହେବଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରିଥିବାରୁ ବିଶେଷରୂପେ ତିରସ୍କୃତ ହୋଇଅଛନ୍ତି । ଏଥିରୁ ଜଣାଯିବ ଯେ ଏ ମାମଲା ସମ୍ପର୍କରେ ତଦନ୍ତ ଶେଷ ହୋଇ ନାହିଁ ବୋଲି ଏ ନଗରରେ ଯେଉଁ ଜନରବ ଉଠିଥିଲା ତାହା ସମ୍ପୂର୍ଣ୍ଣ ଅମୂଳକ ଅଟେ । ଆଶା କରୁଁ ଯେଉଁ ନିର୍ଦ୍ଦୋଷୀ ବ୍ୟକ୍ତିମାନେ ଦଣ୍ଡ ପାଇଥିଲେ ଗବର୍ଣ୍ଣମେଣ୍ଟ ସେମାନଙ୍କୁ କ୍ଷତିପୂରଣ ଦେଇ ନ୍ୟାୟ ଏବଂ ବଦାନ୍ୟତା ଉଭୟର ପରାକାଷ୍ଠା ପ୍ରଦର୍ଶନ କରିବେ ।

---

## ଭୀଷଣ ଭୂମିକମ୍ପ ।

ଗତ ତା ୪ ଇଖ ମଙ୍ଗଳବାର ପ୍ରାତଃକାଳରେ ଯେଉଁ ଭୂମିକମ୍ପ ଏଠାରେ ସାମାନ୍ୟରେ ଜଣା ଯାଇଥିଲା ତାହା ପଞ୍ଜାବ ଓ ଯୁକ୍ତପ୍ରଦେଶମାନଙ୍କରେ ପ୍ରବଳ ଥିବାର ଗତ ସପ୍ତାହରେ ଲେଖିଥିଲୁଁ । ଏଥିମଧ୍ୟରେ ସେ ସମ୍ବନ୍ଧରେ ଯେ ସମ୍ବାଦମାନ ଆସିଅଛି ତହିଁରୁ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ସେହି ଭୂମିକମ୍ପଦ୍ୱାରା ଭୟଙ୍କର ଅନିଷ୍ଟ ହୋଇଅଛି ଏବଂ ଅନେକ ମନୁଷ୍ୟ ଓ ସମ୍ପତ୍ତି ଧ୍ୱଂସ ହୋଇଅଛି । ଏହି ଭୂମିକମ୍ପର ଉତ୍ପତ୍ତି ହିମାଳୟ ପର୍ବତରୁ ହେବାର ଅନୁମାନ ହୁଏ ଏବଂ ସେହି ପର୍ବତର ନିମ୍ନ ଦେଶରେ ଅବସ୍ଥିତ ପଞ୍ଜାବ ପ୍ରଦେଶର କାଙ୍ଗଡ଼ା ଜିଲାର ଅନେକ ସ୍ଥାନରେ ଏବଂ ସେ ଜିଲାର ସଦର ସ୍ଥାନ ଧର୍ମଶାଳାରେ ଏହା ଅତ୍ୟନ୍ତ ପ୍ରବଳରୂପେ ଘଟିଥିଲା । ପ୍ରାତଃକାଳରେ ଏହା ଘଟିବା ସମୟରେ ଅଧିକାଂଶ ଲୋକ ଶୋଇ ଥିଲେ, ହଠାତ ଗୃହାଦି କମ୍ପମାନ ହୋଇ ଭାଙ୍ଗିପଡ଼ିବାରୁ ତହିଁ ତଳେ ଥିବା ଲୋକମାନେ ତତ୍ପାତେ ମରିଗଲେ ବା ଆହତ ହେଲେ । ଧର୍ମଶାଳାରେ କୋଠା ଓ ଘାହି ସମସ୍ତ ଘର ଭାଙ୍ଗିଯାଇ ସମତଳ ହୋଇଅଛି । ପାଲମପୁର ସୁଜାନପୁର ଓ କାଙ୍ଗଡ଼ାର ଅବସ୍ଥା ପ୍ରାୟ ସେହିପରି । ଧର୍ମଶାଳାରେ ସରକାରୀ ସେନା ଛାଉଣି ଅଛି ଏବଂ ଅନେକ ଗୋରା ଓ କଳା ସୈନିକ କର୍ମଚାରୀ ଓ ସୈନ୍ୟ ସେଠାରେ ବାସ କରନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଲୋକ ମରି ପଡ଼ିଅଛନ୍ତି । କାଙ୍ଗଡ଼ା ସହରର ଲୋକସଂଖ୍ୟା ଗତ ସେନସସରେ ୪୭୪୭ ଥିଲା ବର୍ତ୍ତମାନ ପ୍ରାୟ ୫୦୦ ଲୋକ ବଞ୍ଚିଅଛନ୍ତି । ଏଥିରୁ ଜଣାଯାଏ ଯେ ଏହି ଏକ ସହରରେ ଚାରିହଜାରରୁ ଊର୍ଦ୍ଧ୍ୱ ଲୋକ ହତ ହୋଇଅଛନ୍ତି । କେଉଁଠାରେ କି ପରିମାଣ କ୍ଷତି ହୋଇଅଛି ତହିଁର ସରକାରୀ ଅନୁସନ୍ଧାନ ଆରମ୍ଭ ହୋଇଅଛି ଏବଂ ତାହା ଯଥା ସମୟରେ ପ୍ରକାଶ ପାଇବ । ଆପାତତଃ ପ୍ରପୀଡ଼ିତ ସ୍ଥାନମାନଙ୍କୁ ସାହାଯ୍ୟ ସ୍ୱରୂପ ପ୍ରଚୁର ପରିମାଣରେ ଖାଦ୍ୟଦ୍ରବ୍ୟ, ଡାକ୍ତର, କମ୍ପାଉଣ୍ଡର, କୁଲି ମଜୁରି, ପୁଲିସ ଓ ସୈନିକଦଳ ପ୍ରେରିତ ହୋଇଅଛନ୍ତି ଓ ସେମାନେ ଯଥାସାଧ୍ୟ ସାହାଯ୍ୟଦାନ କରୁଅଛନ୍ତି । ପ୍ରବଳପ୍ରତାପ ଭାରତସମ୍ରାଟ ଏହି ଶୋଚନୀୟ ସମ୍ବାଦ ଅବଗତ ହୋଇ ମହାମାନ୍ୟ ଭାରତ ପ୍ରତିନିଧିଙ୍କଦ୍ୱାରା ପ୍ରପୀଡ଼ିତ ବ୍ୟକ୍ତିଙ୍କ ନିକଟକୁ ଦୁଃଖ ଓ ସହାନୁଭୂତି ସୂଚକ ତାରସମ୍ବାଦ ପଠାଇଅଛନ୍ତି ଏବଂ ଯଥେଷ୍ଟ ସାହାଯ୍ୟ ଦାନର ବ୍ୟବସ୍ଥା କରିବାକୁ ଆଦେଶ ଦେଇଅଛନ୍ତି । ରାଜକୁମାର ଏବଂ ତାହାଙ୍କର ପତ୍ନୀ ମଧ୍ୟ ସେହିପରି ସହାନୁଭୂତି ସମ୍ବାଦ ପଠାଇଅଛନ୍ତି । ପ୍ରଜାଙ୍କର ଦାରୁଣ ଦୁଃଖ ସମୟରେ ସମ୍ରାଟ ଏବଂ ସମ୍ରାଟକୁମାରଙ୍କର ଏପରି ସମବେଦନା ଓ ଦୟା ବଡ଼ ସାନ୍ତ୍ୱନାଦାୟକ ଓ ପ୍ରୀତିକର । ସାହାଯ୍ୟଦାନ ସକାଶେ କଲିକତାରେ ଚାନ୍ଦାଦ୍ୱାରା ଅର୍ଥ ସଂଗ୍ରହର ପ୍ରସ୍ତାବ ମଧ୍ୟ ଉପସ୍ଥିତ ହୋଇଅଛି । ଲାହୋର, ଅମୃତସର, ମସୁରି, ସିମଲା ପ୍ରଭୃତିରେ କେତେକ ବଡ଼ ଘର ଓ ସାମାନ୍ୟରେ ମନୁଷ୍ୟ ନଷ୍ଟ ହେବାର ପ୍ରକାଶ ହୋଇଅଛି । ସିମଲାଠାରେ ବଡ଼ଲାଟଙ୍କର ଭବନ ଏପରି ଦୋହଲି ଯାଇଅଛି ଯେ ତହିଁରେ ବାସ କରିବା ନିରାପଦ ନ ହେବାରୁ ବଡ଼ଲାଟ ମହୋଦୟ ତାହା ତ୍ୟାଗ କରି ଅନ୍ୟଘରେ ବାସ କରିବାକୁ ବାଧ୍ୟ ହୋଇଅଛନ୍ତି । ସରକାରୀ କେତେ ଘର ଅଂଶିକ ମରାମତି ଓ କେତେ ଘର ଭଙ୍ଗାଯାଇ ନୂତନ ପ୍ରସ୍ତୁତ କରିବାକୁ ହେବ ଏବଂ ଏଥିରେ ଯେ ଅନେକ ଟଙ୍କା ବ୍ୟୟ ହେବ ସହଜରେ ଜଣା ଯାଉଅଛି ।

---

## ବଡ଼ଲାଟଙ୍କର ବଜେଟ ବକ୍ତୃତା ।

ଭାରତୀୟ ବ୍ୟବସ୍ଥାପକ ସଭାର ଗତ ଅଧିବେଶନ ଅର୍ଥାତ୍ ଏଥର ଶୀତକାଳର ଶେଷ କଲିକତା ଅଧିବେଶନରେ ଭାରତୀୟ ବଜେଟର ସମାଲୋଚନା ହୋଇଥିଲା । ବେସରକାରୀ ସଭ୍ୟମାନେ [illegible], [illegible], ସୈନିକ ବ୍ୟୟ ବୃଦ୍ଧି, ପୁଲିସ ସଂସ୍କାର, ଦେଶୀୟ ଲୋକଙ୍କର ସରକାରୀ ଚାକିରୀ ପାଇବାର ବାଧା, ପ୍ରତିଯୋଗିତା ପରୀକ୍ଷା ଉଠିଯିବାର ଆଶଙ୍କା, ଆତ୍ମଶାସନାଧିକାରର ଖର୍ବତା ଇତ୍ୟାଦି ଅନେକ ପ୍ରସଙ୍ଗର ଅବତାରଣା କରିଥିଲେ । ମହାମାନ୍ୟ ବଡ଼ଲାଟ କର୍ଜନ ବାହାଦୁର ତାହାଙ୍କର ସ୍ୱାଭାବିକ ବାକପଟୁତାପୂର୍ଣ୍ଣ ଏକ ଦୀର୍ଘ ବକ୍ତୃତା ପ୍ରଦାନ କରିଥିଲେ । ମାତ୍ର ଅନ୍ୟାନ୍ୟ ବର୍ଷପର ଏଥରର ବକ୍ତୃତାରେ ବାର୍ଷିକକାର୍ଯ୍ୟର ପ୍ରସଙ୍ଗରେ ଆବଦ୍ଧ ନ ରହି ତାହାଙ୍କର ଶାସନକାଳର ପ୍ରଧାନ ବିଷୟମାନଙ୍କର ଉଲ୍ଲେଖ କରିଥିଲେ ଏବଂ ତାହାଙ୍କର କେତେକ ରାଜନୀତି ବିରୁଦ୍ଧରେ ସଭାସମିତିରେ ଯେ ପ୍ରତିବାଦ ହୋଇଥିଲା ତହିଁର କଡ଼ା ଉତ୍ତର ମଧ୍ୟ ଦେଇଥିଲେ । କରଭାର ଲାଘବ କରିବା ବିଷୟରେ ସେ କହିଥିଲେ କି ଆୟ ଓ ବ୍ୟୟପ୍ରତି ନାନାବାଧା ବିଘ୍ନ ଅଛି କି ଯହିଁରେ ଶାସନକର୍ତ୍ତାଙ୍କର ହାତ ନାହିଁ । ମାତ୍ର ଉଦ୍‌ବୃତ୍ତ ଟଙ୍କାର ସୁବ୍ୟବସ୍ଥା ସମ୍ପୂର୍ଣ୍ଣରୂପେ ଶାସନକର୍ତ୍ତାଙ୍କର ସୁବିଚାର ଉପରେ ନିର୍ଭର କରେ । ଭାରତରେ କୃଷିଜୀବୀର ସଂଖ୍ୟା ଅଧିକ ଏବଂ ଅଧିକାଂଶ କୃଷକର ଅବସ୍ଥା ଭଲ ନୁହେ । ଅଥଚ ଏହି ଶ୍ରେଣୀର ଲୋକଙ୍କଠାରୁ ଅଧିକାଂଶ ସରକାରୀ ରାଜସ୍ୱ ଲବ୍ଧ ହୁଏ । ଅତଏବ ଉଦ୍‌ବୃତ୍ତ ଅର୍ଥର ଫଳ ପାଇବାକୁ ସେହିମାନେ ସର୍ବାପେକ୍ଷା ଅଧିକ ଯୋଗ୍ୟ ଏହି ବିବେଚନାରେ [illegible] ଓ କେତେକ ପ୍ରଦେଶରେ ଦୁର୍ଭିକ୍ଷ କର ଛାଡ଼ି ଦିଆଯାଇ ଅଛି, ଫସଲ ହାନିହେଲେ ରାଜସ୍ୱ ଛାଡ଼ିବାର ବ୍ୟବସ୍ଥା ହୋଇଅଛି, କୃଷିଶିକ୍ଷା, ସାଧାରଣ ଜନଶିକ୍ଷା, ପଥ ଘାଟ ନିମନ୍ତେ ଜିଲାବୋର୍ଡକୁ ସାହାଯ୍ୟ ଇତ୍ୟାଦିର ବ୍ୟବସ୍ଥା ହୋଇଅଛି । ସେମାନଙ୍କର ରକ୍ଷା ନିମନ୍ତେ ପୁଲିସ ସଂସ୍କାର ନିତାନ୍ତ ପ୍ରୟୋଜନ ହେବାରୁ ପୁଲିସ କମିସନର ପରାମର୍ଶ ଅନୁସାରେ ଏ ବର୍ଷପାଇଁ ପ୍ରଚୁର ଅର୍ଥ ଦିଆଯାଇ ଅଛି ଏବଂ ଭବିଷ୍ୟତକୁ ଆହୁରି ଦିଆଯିବ । ରେଲବେ ଓ ଜଳସେଚନର ନିମନ୍ତେ ଅନେକ ଟଙ୍କା ଖର୍ଚ୍ଚ ହୋଇଅଛି ଏବଂ ଶାସନକାର୍ଯ୍ୟର ଉନ୍ନତି ନିମନ୍ତେ ନୂତନ ମହକୁମାମାନ [illegible] । ଏ ସମସ୍ତ ଅବଶ୍ୟ ହିତକର ବ୍ୟବସ୍ଥା ଅଟେ ଏବଂ ଲର୍ଡକର୍ଜନଙ୍କର ଅମଳରେ ତହିଁର ସୂଚନା ଘଟିବାରୁ ସେ ଗୌରବାନ୍ୱିତ ହୋଇଅଛନ୍ତି ସନ୍ଦେହ ନାହିଁ । ତିବ୍ବତଅଭିଯାନରେ ସାମ୍ରାଜ୍ୟର ସମ୍ପୂର୍ଣ୍ଣ ସ୍ୱାର୍ଥ ଥିବାରୁ ତହିଁର ସମସ୍ତ ବ୍ୟୟ ଭାରତର ମସ୍ତକରେ ଲଦିବା ଅପରାଧର କୌଣସି ଉତ୍ତର ସେ ଦେଇ ନାହାନ୍ତି ଏବଂ ସୈନିକ ବ୍ୟୟ ବୃଦ୍ଧି ସମ୍ବନ୍ଧରେ ଭଲ ଯୁକ୍ତି ଦେଇ ପାରି ନାହାନ୍ତି । ସରକାରୀଉଚ୍ଚ

Split by PDF Splitter
Digitized by srujanika@gmail.com

ଗୃହରରେ ଯୋଗ୍ୟାଂଶ ଦେଶୀୟ ଲୋକଙ୍କ ନ ହେବା ସମ୍ବନ୍ଧରେ ସେ କହୁଅଛନ୍ତି କି ସ୍ୱର୍ଗୀୟା ରାଜରାଜେଶ୍ୱରୀଙ୍କ ଘୋଷଣାପତ୍ରକୁ ସେ ଅବଜ୍ଞା କର ନାହାନ୍ତି ଏବଂ ସେହି ଘୋଷଣାପତ୍ରରେ ଲେଖାଥିବା "ଯେତେଦୂର ସମ୍ଭବ ହେବ ଦେଶୀୟ ଲୋକଙ୍କୁ ଉଚ୍ଚ ଗୃହରେ ବସାଯିବ" ଏହି କଥାଗୁଡ଼ିକ ପ୍ରତି ଅପରକାରଙ୍କର ଦୃଷ୍ଟି ଆକର୍ଷଣ କରୁଅଛନ୍ତି । ଏଥିରୁ ଜଣାଯାଏ ଯେ ଯେତେଦୂର ସମ୍ଭବ ତହିଁର ସୀମା ତାହାଙ୍କ ହାତରେ ରହୁଅଛି । ମାତ୍ର ସେହି ଘୋଷଣାପତ୍ର ପ୍ରଚାର ହେବା ପ ୪୫ ବର୍ଷରୁ ଊର୍ଦ୍ଧ୍ୱ ହେଲା ଏବଂ ଏଥିମଧ୍ୟରେ ଉଚ୍ଚଶିକ୍ଷାର ଅନେକ ବୃଦ୍ଧି ହେବା ଓ ଅନେକ କାର୍ଯ୍ୟରେ ଦେଶୀୟମାନେ ଯୋଗ୍ୟତା ଦେଖାଇବା ପ୍ରତ୍ୟକ୍ଷେ ଯେବେ ସେହି ସମ୍ଭବତା ସୀମା ନ ବଢ଼ିଲା ତେବେ ତହିଁରେ ଶାସନକର୍ତ୍ତାଙ୍କର ତ୍ରୁଟି ନାହିଁ କି ? କାର୍ଯ୍ୟତଃ ଭିତର ବାହାରର ପାର୍ଥକ୍ୟସାଧନ ପାଞ୍ଚ- ବର୍ଷହେଲା ଲାଟମହୋଦୟଙ୍କର ବକ୍ତୃତାରେ ରହିଅଛି ମାତ୍ର ଏପର୍ଯ୍ୟନ୍ତ ତହିଁର ମୀମାଂସା ହୋଇ ନାହିଁ ଏବଂ ବଙ୍ଗଭଙ୍ଗରେ ଅଦ୍ୟାବଧି ସ୍ଥାୟୀ ସମ୍ବନ୍ଧରେ ଏ ସ୍ଥିର କହିଥିବା ପ୍ରତ୍ୟକ୍ଷେ ସେ ବିଷୟରେ କିଛି କହୁ ନାହାନ୍ତି । ଅନୁଶାସନ- ପ୍ରଣାଳୀ ସମ୍ବନ୍ଧରେ ମଧ୍ୟ ସେହିପରି । ଯଉଠେ ସ୍ଥଳେ ଦେଶୀ ଶିଳ୍ପ ଓ ଦେଶୀୟ ଲୋକଙ୍କର ଉନ୍ନତି ସଙ୍କାଶେ ଅନେକ କାର୍ଯ୍ୟ କରିବାର କହି ବକ୍ତୃତା ଶେଷ କଲେ । ଏ ସମ୍ବନ୍ଧରେ ଆମ୍ଭମାନଙ୍କର ଆଉ କିଛି କହିବା ଅନାବଶ୍ୟକ ।

———

## ପୁରୀରେ ରଘୁନାଥ ବେଶ ।

ଗତ ମାସ ତା ୨୬ ରିଖ ଶୁକ୍ରବାର ବୈଶାଖ କୃଷ୍ଣନବମୀ ଦିନ ପୁରୀର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀ ରଘୁନାଥବେଶ ହେବାର ଧାର୍ଯ୍ୟ ହୋଇ ତହିଁର ଯଥୋଚିତ ଆୟୋଜନ ଚାଲିଅଛି । ଏ ବେଶ ଦର୍ଶନ କରିବାକୁ ଅନେକ ଯାତ୍ରୀ ହେବେ ସନ୍ଦେହ ନାହିଁ କାରଣ ଏଥି ମଧ୍ୟରେ ପୁରୀଅଞ୍ଚଳେ ଏଥିର ଚର୍ଚ୍ଚା ପଡ଼ିବାର ଶୁଣାଯାଏ ଏବଂ ଏହାକୁ ଗୋଟିଏ ଖୁବ ଘଟଣା ମନେ କରି ଲୋକେ ଆନନ୍ଦ ପ୍ରକାଶ କରୁଅଛନ୍ତି । ଏଥିରେ କ.ହାର ଅସନ୍ତୋଷ ହେବାର କୌଣସି କାରଣ ନ ଥିଲେ ସୁଦ୍ଧା ପୁରୀରୁ ହିନ୍ଦୁଭାଷା ଓ ଦେବଭାଷା- ଘରରେ ପ୍ରଚାରିତ ଗତ ତା ୯ ରିଖର ଜଗନ୍ନାଥ ସମାଚାରରେ ଖଣ୍ଡିଏ ଇଂରାଜୀ ପ୍ରେରିତପତ୍ର ପ୍ରକାଶ ହୋଇଅଛି । ପତ୍ରପ୍ରେରକ ଏହିପରି ଆପଣାର ନାମ ସ୍ୱାକ୍ଷର କରିଅଛନ୍ତି ଯଥା "ଗୋପୀନାଥ ମିଶ୍ର ମାନେଜର ଜଗନ୍ନାଥ ପ୍ରେସ ପୁରୀ, ହିନ୍ଦୁମାନଙ୍କ ପକ୍ଷରୁ" । କେଉଁ ହିନ୍ଦୁଙ୍କ ପକ୍ଷରୁ କେଉଁ ସଭାରୁ ବା କିରୂପେ ସେ ପ୍ରତିନିଧି ନିଯୁକ୍ତ ହୋଇଅଛନ୍ତି ତାହା ତାଙ୍କ ପତ୍ରରୁ ଜଣା ଯାଉ ନାହିଁ । ତାହାଙ୍କର ପ୍ରଧାନ ଆପତ୍ତି ଏହିକି ବର୍ତ୍ତମାନ ଯେଉଁ ରଘୁନାଥ ବେଶ ହେବାର ଆୟୋଜନ ହେଉଅଛି ତାହା ପୂର୍ବ ପ୍ରଚଳିତ ପ୍ରଥାନୁସାରେ ହେବ ନାହିଁ ବୋଲି ତାହାଙ୍କର ସନ୍ଦେହ ହୋଇଅଛି ଏବଂ ତହିଁ ସଙ୍ଗେ ପୁରୀ ମନ୍ଦିରର କାର୍ଯ୍ୟ ନିର୍ବାହ ସମ୍ବନ୍ଧରେ ଅପ୍ରାସଙ୍ଗିକ କେତେକ କଥା ଏପରି ଭାବରେ ଲେଖିଅଛନ୍ତି ଯେ ତହିଁରୁ ମନ୍ଦିରର ବର୍ତ୍ତମାନ ମାନେଜର କାର୍ଯ୍ୟ ପ୍ରତି ସେ ଅସନ୍ତୁଷ୍ଟ ଥିବାର ପ୍ରକାଶ ପାଉଅଛି । ବାବୁ ରାଜକିଶୋର ଦାସ ପୁରୀମନ୍ଦିରର ମାନେଜର ହେଲାଦିନଠାରୁ ନିତ୍ୟ ସେବା ଏବଂ ଯାତ୍ରା ପର୍ବର ଯେ ଶୃଙ୍ଖଳା ହୋଇଅଛି ଏବଂ ମନ୍ଦିରର ଯେତେ ଉନ୍ନତି ହୋଇଅଛି ତାହା କାହାରିକୁ ଅବିଦିତ ନାହିଁ ଏବଂ ସର୍ବସାଧାରଣ ସେଥିପାଇଁ ତାହାଙ୍କର ଅଶେଷ ପ୍ରଶଂସା କରୁଅଛନ୍ତି । ଏପରି ଯୋଗ୍ୟ କର୍ମଚାରୀଙ୍କ ବିରୁଦ୍ଧରେ କେହି କିଛି କହିଲେ ଲୋକେ ବିରକ୍ତ ହେବା ସ୍ୱାଭାବିକ । ପ୍ରକୃତରେ ଆମ୍ଭେମାନେ ସେହି ପ୍ରେରିତପତ୍ରର ପ୍ରତିବାଦରେ ଖଣ୍ଡିଏ ଦୀର୍ଘ ପତ୍ର ପାଇଅଛୁଁ । ମାତ୍ର ତହିଁ ସଙ୍ଗେ ପୁରୀର ଜଣେ ପ୍ରଧାନ ଧର୍ମାଚାର୍ଯ୍ୟ ଶ୍ରୀମତ୍ ପରମହଂସ ପରିବ୍ରାଜକାଚାର୍ଯ୍ୟ ଶଙ୍କର ଶ୍ରୀ ମଧୁସୂଦନ ତୀର୍ଥ ସ୍ୱାମିଙ୍କର ପ୍ରଦତ୍ତ ଭ୍ରମ ସଂଶୋଧନ ପତ୍ରର ଖଣ୍ଡିଏ ପ୍ରତିଲିପି ପାଇଥିବାରୁ ଦୀର୍ଘ ପ୍ରତିବାଦ ପତ୍ରକୁ ଉପେକ୍ଷା କରି କେବଳ ଲିଖିତ ପତ୍ର ଏଠାରେ ପ୍ରକାଶ କଲୁଁ । ଏହା ପାଠ କଲେ ସର୍ବସାଧାରଣ ବୁଝି ପାରିବେ ଯେ ଜଗନ୍ନାଥ ସମାଚାରର ପତ୍ରପ୍ରେରକ ଏବଂ ତାହାଙ୍କର ଦଳର ଲୋକମାନେ କେବଳ କୃପାନ୍ତ ହୋଇ ଜନସାଧାରଣଙ୍କୁ ଭ୍ରମରେ ପକାଇବାର ଚେଷ୍ଟା କରୁଅଛନ୍ତି । ସେପରି ପତ୍ର ଲେଖିବା ପୂର୍ବେ ପ୍ରକୃତ କଥା ଜାଣିବାକୁ ଇଚ୍ଛା କରିଥିଲେ ମାନେଜରଙ୍କ ନିକଟରୁ ଅନାୟାସରେ ଜାଣି ପାରିଥାନ୍ତେ । ଭ୍ରମ ସଂଶୋଧନ ପତ୍ରଟି ଏହି ।—

"ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀ ରଘୁନାଥ- ବେଶ ବୈଶାଖ କୃଷ୍ଣ ନବମୀଦିନ ହେବ, ସେହି ବିଷୟରେ ମାର୍ଚ୍ଚ ତା ୯ ରିଖର ଜଗନ୍ନାଥସମାଚାରରେ ଅଯଥା ଲେଖା ହୋଇଅଛି, ଅନ୍ତର ମଧ୍ୟ ନାନାପ୍ରକାର ଜନରବ ହେଉଅଛି ଏବଂ ଜଗନ୍ନାଥସମାଚାରର ଅଫିସରୁ ଆମ୍ଭନିକଟକୁ ଖଣ୍ଡେ ପତ୍ର ଆସିଥିଲା । ଏହିପ୍ରକାର ଅନେକ କିମ୍ବଦନ୍ତୀ ଉଠିବାରୁ ଆମ୍ଭେ ଶ୍ରୀ ଜଗନ୍ନାଥ ମନ୍ଦିର ମେନେଜର ବାବୁ ଶ୍ରୀ ରାଜକିଶୋର ଦାସଙ୍କ ନିକଟକୁ ପତ୍ର ଲେଖିଥିଲୁଁ, ଉକ୍ତ ବାବୁ ମହୋଦୟ ଯେଉଁ ଉତ୍ତର ଦେଇଅଛନ୍ତି ତାହା ବଡ଼ ସନ୍ତୋଷଜନକ ଓ ଭ୍ରମ ନିବର୍ତ୍ତକ ଅଟେ ।

ମେନେଜରଙ୍କ ଉତ୍ତର—

ପୂଜ୍ୟପାଦ ଶ୍ରୀମତ୍ ପରମହଂସ ପରିବ୍ରାଜକାଚାର୍ଯ୍ୟ ଶଙ୍କର ଶ୍ରୀ ମଧୁସୂଦନତୀର୍ଥ ସ୍ୱାମୀ
ମହୋଦୟ ଶ୍ରୀ ଚରଣକମଳେଷୁ ।—

ଅଶେଷ ଭୂମିଷ୍ଠ ପ୍ରଣିପାତ ନିବେଦନମିଦଂ—

ଆପଣଙ୍କର କାଲିତାରିଖର ପତ୍ର ପାଇ ତହିଁର ଯଥାଯଥ ଉତ୍ତର ନିମ୍ନେ ଲେଖୁଅଛି ।

